**ସଂକ୍ଷେପରେ**

## କ୍ରୋମାଇଟ ୱାଶିଂପ୍ଲାଣ୍ଟ ଜନଶୁଣାଣି ସ୍ଥଗିତ

**ଛତିଆ,୧୧।୯(ସୌମ୍ୟ ରଞ୍ଜନ ସାହୁ):**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ପାରିଆ ପଞ୍ଚାୟତର ବରଗଡ଼ାଠାରେ କ୍ରୋମାଇଟ ୱାସିଂ ପ୍ଲାଣ୍ଟ ପାଇଁ ହେବାକୁ ଥିବା ଜନଶୁଣାଣି ସ୍ଥଗିତ ରଖାଯାଇଛି। ବାର୍ଷିକ ୦.୧୨ ନିୟୁତ ଟନ କ୍ଷମତା ବିଶିଷ୍ଟ କ୍ରୋମ ଓରେ ବେନେଫିସିଏଶନ ପ୍ଲାଣ୍ଟ ପ୍ରତିଷ୍ଠା କରିବା ପାଇଁ ଏକ କମ୍ପାନୀ ପରିବେଶ ମଞ୍ଜୁରୀ ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଥିଲା। ଏଥି ନିମନ୍ତେ ଜନ ଶୁଣାଣି ବୁଧବାର ହେବ ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ନୋଟିସ ହୋଇଥିଲା। ହେଲେ ହଠାତ୍ ଏହାକୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବନ୍ଦ କରି ଦିଆଯାଇଛି। ଏହି ଜନଶୁଣାଣି ପାଇଁ ୧୦ ତାରିଖ ରାତିରୁ କାରଖାନା ସମର୍ଥକଙ୍କ ତରଫରୁ ସବୁ ପ୍ରକାର ପ୍ରସ୍ତୁତି ସରିଥିଲା। ତେବେ କ'ଣ ପାଇଁ ଜନଶୁଣାଣି ବନ୍ଦ କରାଗଲା ତାହା ଜଣାପଡ଼ିନାହିଁ। ଅନ୍ୟପକ୍ଷରେ ପ୍ରସ୍ତାବିତ ପ୍ଲାଣ୍ଟକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।

# ଜମି ବିବାଦ, ୯୫ ପ୍ରକଳ୍ପ କାମ ଅଧାପନ୍ତରିଆ

- ଗ୍ରାମ୍ୟ ନିର୍ମାଣ ବିଭାଗରେ ବିକାଶ ପରାହତ
- ପୂର୍ତ୍ତ ବିଭାଗରେ ଚାଲିଛି ସିଧାସଳଖ ଜମି ଅଧିଗ୍ରହଣ



ଅସମ୍ପୂର୍ଣ୍ଣ ଅବସ୍ଥାରେ ଝାଲପଡା-ବ୍ରହ୍ମବରଦା ରାସ୍ତା।

**ଯାଜପୁର,୧୧।୯(ହର୍ଷବର୍ଦ୍ଧନବେହେରା):**

ଯାଜପୁର ଜିଲାରେ ଗ୍ରାମ୍ୟ ନିର୍ମାଣ ଓ ନିର୍ମାଣ(ପୂର୍ତ୍ତ) ବିଭାଗ ଦ୍ୱାରା ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଜମି ଅଧିଗ୍ରହଣ ନାମରେ ବ୍ୟାପକ ସରକାରୀ ଅର୍ଥ ବାଟମାରଣା ହୋଇଛି। ବିଶେଷକରି ନିର୍ମାଣ ବିଭାଗୀୟ କେତେଜଣ ଉଚ୍ଚପଦସ୍ଥ ଅଧିକାରୀ ଭୂଅର୍ଜନ ଆଇନ-୧୯୮୪କୁ ଉଲ୍ଲଂଘନ କରି କେତେଜଣ ପ୍ରଭାବଶାଳୀ ରାଜନେତାଙ୍କ ସମ୍ପର୍କୀୟଙ୍କ ସ୍ୱାର୍ଥ ସାଧନ ପାଇଁ ସିଧାସଳଖ ଜମି କିଣିବା(ଡାଇରେକ୍ଟ ପରଚେଜ୍) ପ୍ରକ୍ରିୟା ଅବଲମ୍ବନ କରୁଛନ୍ତି । ଅନ୍ୟପକ୍ଷେ ଗ୍ରାମ୍ୟ ନିର୍ମାଣ ବିଭାଗରେ ଜମି ଅଧିଗ୍ରହଣ ହୋଇ ପାରୁ ନ ଥିବାରୁ ୨୦୧୬ ରୁ ଆଜି ପର୍ଯ୍ୟନ୍ତ ୯୫ଟି ରାସ୍ତା, ଗୃହ ଓ ବ୍ରିଜ୍ ପ୍ରକଳ୍ପ କାମ ଅଟକି ରହିଛି। ଜିଲାରେ ଏଭଳି ବିକାଶ କାର୍ଯ୍ୟ ଉପରେ ଉପଯୁକ୍ତ ତଦନ୍ତ କରାଗଲେ ଆହୁରି ଲୁକ୍କାୟିତ ତଥ୍ୟ ଲୋକଲୋଚନକୁ ଆସି ପାରନ୍ତା ବୋଲି ମତ ପ୍ରକାଶ ପାଇଛି।

ଯାଜପୁର ଜିଲାରେ ଅନେକ କୋଟି ଟଙ୍କାର ପ୍ରସ୍ତାବିତ ପ୍ରକଳ୍ପ ସଂକ୍ରାନ୍ତରେ ଆଗୁଆ ସୂଚନା ପାଇ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପର୍କୀୟ ଶାଗମାଛ ଦରରେ ସାଧାରଣ, ଗରିବ ପ୍ରଜାଙ୍କଠାରୁ ଜମି କିଣି ନେଇ ପ୍ରଶାସନକୁ ପ୍ରାୟ ୧୦୦ ଗୁଣ ଅଧିକ ଦରରେ ବିକ୍ରୀ କରିଛନ୍ତି। କେତେଜଣ ଚାଷୀ ଏନେଇ ଆନ୍ଦୋଳନ ପାଇଁ ପ୍ରସ୍ତୁତି କରୁଥିବା ସୂଚନା ମିଳିଛି। ୧୬ନଂ. ଜାତୀୟ ରାଜପଥ କଡ ଷଠିପୁର ଗୋଲେଇ ଛକଠାରୁ ଷଠିପୁର ସବଷ୍ଟେଶନ ଛକ ପର୍ଯ୍ୟନ୍ତ ୪ଲେନ ରାସ୍ତା ପ୍ରକଳ୍ପ ପାଇଁ ୩.୩୦୮ ଏକର ଜମି ଅଧିଗ୍ରହଣ କରିବାକୁ ୨୨ କୋଟି ୪୯ ଲକ୍ଷ ୯୨ ହଜାର ୮୯୨ ଟଙ୍କା ମଞ୍ଜୁର ହୋଇଛି। ଯାହାକୁ ପ୍ରକୃତ ପ୍ରଜା ଲାଭବାନ ହୋଇ ପାରିନାହାନ୍ତି। ସେହିପରି ଯାଜପୁର ଜିଲା ମୁଖ୍ୟ ଡାକ୍ତରଖାନାର ଉନ୍ନତିକରଣ ଓ ସମ୍ପ୍ରସାରଣ କାର୍ଯ୍ୟରେ ୧୦ ଏକରରୁ ଊର୍ଦ୍ଧ୍ୱ ଜମି ସିଧାସଳଖ କିଣାରେ ଅନୁରୂପ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ଅନ୍ୟଏକ ପ୍ରକଳ୍ପ ୧୦ନଂ. ଜାତୀୟ ରାଜପଥଠାରୁ ଅର୍ଦ୍ଧାଲୁଆ ରାସ୍ତାର ଉନ୍ନତିକରଣ ଓ ସମ୍ପ୍ରସାରଣ କାର୍ଯ୍ୟରେ ପ୍ରାୟ ୫ ଏକର ଜମି ପ୍ରଜାଙ୍କ ଠାରୁ ସିଧାସଳଖ ଅଧିଗ୍ରହଣ କରିବାକୁ ୩୬ କୋଟି ୨୧ ଲକ୍ଷ ୯୯ ହଜାର ୯୨୪ ଟଙ୍କା ମଞ୍ଜୁର ହୋଇଛି। ଏହାବାଦ ଅନ୍ୟ ପ୍ରକଳ୍ପଗୁଡିକରେ ମଧ୍ୟ ଅନୁରୂପ ଭାବେ ସିଧାସଳଖ ଜମି କିଣି ବ୍ୟାପକ ହରିଲୁଟ ହୋଇଥିବା ଅଭିଯୋଗ ହୋଇଛି। କିନ୍ତୁ ଗ୍ରାମ୍ୟ ନିର୍ମାଣ ବିଭାଗ ଦ୍ୱାରା ଜମି ଅଧିଗ୍ରହଣ ହୋଇ ପାରି ନ ଥିବାରୁ ବିକାଶ ପ୍ରକ୍ରିୟା ପରାହତ ହୋଇଛି।

ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ ଅଧୀନରେ ୩୪.୯୮ କିମି ବିଶିଷ୍ଟ ୬ଟି ରାସ୍ତା ପ୍ରକଳ୍ପ ପାଇଁ ୪୪ କୋଟି ୨୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। କିନ୍ତୁ ତହସିଲଦାରଙ୍କ ପକ୍ଷରୁ ଜମି ମାପଚୂପ ହୋଇ ପାରୁ ନ ଥିବାରୁ ବୁଢାଘାଟଠାରୁ ଷଠିଆଟିକିରା ରାସ୍ତା, ବୁଢାଘାଟ ଠାରୁ ଉଆସାହି, ଉପେନ୍ଦ୍ର କୁମାର ହାଇସ୍କୁଲ ଛକଠାରୁ ବିଚିତ୍ରପୁର, ରଗଡି ପାଣିକୋଇଲିଠାରୁ କେନ୍ଦୁଝର ସୀମାନ୍ତ ରାସ୍ତା ଭାୟା କଡମା ଆଦି ଅଧାରେ ଲାଖିଛି। ସେହିପରି ୬ଟି ବ୍ରିଜ ପ୍ରକଳ୍ପ ଯଥା ବ୍ରାହ୍ମଣୀ ନଦୀ ଉପରେ ଝାଲପଡା-ବ୍ରହ୍ମବରଦା ରାସ୍ତା, ଜମୁନା ନାଳାର ବୁଢାଘାଟ-ଷଠିଆଟିକିରା, ଡମଶାଳା ନାଳାର ପାଟଣା-ପୋଡହରା ରାସ୍ତା, ନୂଆଡିହି ନାଳାର ନୂଆଡିହି-ପିମ୍ପୁଡିଆ ରାସ୍ତା, ପଣ୍ଡରା ନାଳାର ବରତଣ୍ଡାଠାରୁ ସୋଲୋପୁର ରାସ୍ତା, ଗଣ୍ଡାନାଳାର ବାଗପାଟିଆ ବ୍ରିଜ୍ ପ୍ରକଳ୍ପଗୁଡିକ ଜମି ଅଧିଗ୍ରହଣ ଯୋଗୁ ଆଗେଇ ପାରୁନି। ଏହାବାଦ୍ ସ୍ୱାସ୍ଥ୍ୟକ୍ଷେତ୍ରରେ ବିକାଶ ପାଇଁ କାନ୍ତିପୁର ପିଏଚସି, ଜରି ପିଏଚ୍ସି, ସିଂହପୁର, ରାମଚନ୍ଦ୍ରପୁର ପିଏଚ୍ସି ସମେତ ୨୭ଟି ବିଭିନ୍ନ ଗୃହ ନିର୍ମାଣ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁନି। ଝାଲପଡା-ବ୍ରହ୍ମବରଦା ରାସ୍ତାରେ ବ୍ରାହ୍ମଣୀ ନଦୀ ଉପରେ ବ୍ରିଜ କାର୍ଯ୍ୟ ୧୬।୧୨।୨୦୧୬ରେ ଆରମ୍ଭ ହୋଇ ୧୫।୪।୨୦୧୯ରେ ଶେଷ କରିବାକୁ ଧାର୍ଯ୍ୟ ହୋଇଥିଲା। ଏଥିପାଇଁ ୧୦ କୋଟି ୮୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ ଜମି ଅଧିଗ୍ରହଣ କାରଣରୁ ଏହି ପ୍ରକଳ୍ପ ଅଧାରେ ରହିଛି। ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନ ଅଧୀନରେ କୁମ୍ଭେଇ-ଉପୁଲା ରାସ୍ତା, ଖଡଗପୁର-ଚାରିନଙ୍ଗଲ, ରାଇପୁର ଘାଟଠାରୁ ବରପଦା, ଭୁଷଣ୍ଡପୁରଠାରୁ ଖଟୁଆପଡା, ମହାଦେଇପୁର ନଦୀବନ୍ଧଠାରୁ ଦକ୍ଷିଣକୂଳ ରାସ୍ତା, କଣ୍ଟିଗଡିଆଠାରୁ ପିପିଲିଡିହ ରାସ୍ତା ଇତ୍ୟାଦି ୧୨ଟି ରାସ୍ତା ପ୍ରକଳ୍ପ ଜମିଅଧିଗ୍ରହଣ ବିବାଦ ଯୋଗୁ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ସେହିପରି ୩୭ଟି ବିଭିନ୍ନ ଗୃହ ନିର୍ମାଣ ଓ ୭ଟି ବ୍ରିଜ ପ୍ରକଳ୍ପ ଜମି ଅଧିଗ୍ରହଣରେ ଅଟକିଛି। ବିଭାଗୀୟ ସଂପୃକ୍ତ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ଜମି ଅଧିଗ୍ରହଣ ହୋଇ ପାରୁ ନ ଥିବା ଅଭିଯୋଗ ହେଉଛି।

## ଟାଏକୋଣ୍ଡୋରେ ବ୍ରୋଞ୍ଜ ଜିତିଲେ ଦେବପ୍ରକାଶ



**ଯାଜପୁର ଟାଉନ,୧୧।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଟାଏକୋଣ୍ଡୋ ଫେଡେରେଶନ ଅଫ ଇଣ୍ଡିଆ ଆନୁକୂଲ୍ୟରେ ଉତ୍ତରପ୍ରଦେଶର ଆଗ୍ରାଠାରେ ଅନୁଷ୍ଠିତ ହେଉଥିବା ଜାତୀୟ ସୁପର ସବ୍ଜୁନିଅର/ ଜୁନିଅର କ୍ୟାଡେଟ, ଜୁନିଅର କ୍ୟୋରୋଗି, ପୁମସେ ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ଭାଗ ନେଇ ଯାଜପୁର ଜିଲାର ଦେବପ୍ରକାଶ ଓଝା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଦେବ ପ୍ରକାଶ କଟକରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ସ୍ୱର୍ଣ୍ଣ ପଦକ ହାସଲ କରି ଜାତୀୟସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଥିଲେ। ଦେବପ୍ରକାଶ ଯାଜପୁର କେନ୍ଦ୍ରୀୟ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ର। ସେ ଯାଜପୁର ମ୍ୟୁନିସିପାଲିଟି ଅନ୍ତର୍ଗତ ୧୪ନଂ.ୱାର୍ଡ ଚାଲୁଣିଆସାହି ଗ୍ରାମର ଦୟାନିଧି ଓଝା ଏବଂ ମୋନାଲିସା ଓଝାଙ୍କ ପୁତ୍ର। ବେଦପ୍ରକାଶଙ୍କ ସଫଳତାରେ ଯାଜପୁରର ଅନେକ ମାନ୍ୟଗଣ୍ୟ ଲୋକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସ୍ତ୍ରୀ ହତ୍ୟା ମାମଲାରେ ସ୍ୱାମୀ ଗିରଫ

**ଯାଜପୁରରୋଡ୍,୧୧।୯ (ପବିତ୍ର ରଞ୍ଜନ ମହାନ୍ତି):**



ଅଭିଯୁକ୍ତ ସ୍ୱାମୀଙ୍କୁ ହାଜତକୁ ନିଆଯାଉଛି।

ସ୍ତ୍ରୀଙ୍କୁ ହତ୍ୟା ମାମଲାରେ ସ୍ୱାମୀଙ୍କୁ ଯାଜପୁରରୋଡ୍ ପୋଲିସ ୪ ମାସ ପରେ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଦାନଗଦି ସୋଲେଇ ଗ୍ରାମର ବାଙ୍କବିହାରୀ ଦାଶ(୪୫)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବାଙ୍କାବିହାରୀ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ବଳଭଦ୍ରପୁର ଶାସନ ଗ୍ରାମର ବାସନ୍ତୀ ଦାଶ (ସିଂହ ଙ୍କୁ ବିବାହ କରିଥିଲେ। ବାଙ୍କବିହାରୀ ପୂର୍ବରୁ ବିବାହ କରିଥିବା ଏବଂ ଅନ୍ୟତ୍ର ତାଙ୍କର ଜଣେ ସ୍ତ୍ରୀ ଥିବା ବାସନ୍ତୀ ଜାଣିବାକୁ ପାଇଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ବହୁ ସମୟରେ ମନମାଳିନ୍ୟ ରହିଥିଲା। ଅଭିଯୁକ୍ତ ବାସନ୍ତୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଘଟଣା ଦିନ କୌଣସି କାରଣକୁ ନେଇ ଦମ୍ପତିଙ୍କ ମଧ୍ୟରେ କଳହ ହୋଇଥିଲା। ଅଭିଯୁକ୍ତ ବାସନ୍ତୀଙ୍କୁ ମାଡ଼ ମାରିବା ସହ ତଣ୍ଟିଆ ମାରିଥିଲେ। ଫଳରେ ବାସନ୍ତୀଙ୍କ ମୁଣ୍ଡ କାନ୍ଥରେ ମାଡ ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ବାଙ୍କବିହାରୀ ଏବଂ ତାଙ୍କ ପୁଅ ରୋହନ ବାସନ୍ତୀଙ୍କୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ବଡ଼ ମେଡିକାଲ ନିଆଯାଇଥିଲା। ସେଠାରେ ଏପ୍ରିଲ ୪ରେ ତାଙ୍କର ମୃତ୍ୟୁ ହୋଇଥିଲା। ଏପ୍ରିଲ ୮ରେ ବାସନ୍ତୀଙ୍କ ଭାଇ ବିଜୟ କୁମାର ସିଂ ଯାଜପୁରରୋଡ୍ ଥାନାରେ ବାଙ୍କାବିହାରୀଙ୍କ ନାମରେ ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ନଂ.୨୩୬/୨୪ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା ବୋଲି ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ଏକ ପ୍ରେସ୍ ବିବୃତିରେ କହିଛନ୍ତି। ତେବେ ଅଭିଯୋଗର ୪ ମାସପରେ ପୋଲିସ କର୍ଯ୍ୟାନୁଷ୍ଠାନକୁ ନେଇ ମୃତ ମହିଳାଙ୍କ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଉତ୍କଳଚନ୍ଦ୍ର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ଜୟନ୍ତୀ




ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା।

**ସମ୍ବର୍ଦ୍ଧିତ ହେଲେ ବହୁ ପ୍ରତିଭା**

**ଧର୍ମଶାଳା,୧୧।୯(ବଟକୃଷ୍ଣ ପରିଡ଼ା):**

ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ଧର୍ମଶାଳା ବ୍ଲକ କୁମାରୀ ଶୈଳବିହାରସ୍ଥିତ ଗଣେଶ ମଣ୍ଡପରେ ଉତ୍କଳଚନ୍ଦ୍ର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୨୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିସହିତ ଏକ ପୁରସ୍କାର ପ୍ରଦାନ ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ରମାକାନ୍ତ ଜେନାଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଶିଶୁ ସାହିତ୍ୟିକ ଓ ଗବେଷକ ଡ. ମନୀନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥିଭାବେ କବି ଧନଞ୍ଜୟ ସ୍ୱାଇଁ ଓ ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ଡ. ବସନ୍ତ କିଶୋର ସାହୁ ଯୋଗଦେଇ ପଣ୍ଡିତ ତ୍ରିପାଠୀଙ୍କ ଲେଖା ଓ ଗ୍ରନ୍ଥାବଳୀରୁ ଉଦାହରଣ ଦେଇ ଶିଶୁ ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ମହେଶ୍ୱର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ସ୍ୱାଗତ ଭାଷଣ ଦେଇଥିଲେ। ଉପସଭାପତି ଡ. ତୁହିନାଂଶୁ ରଥ ସୂଚନା ପ୍ରଦାନ କରିଥିଲେ। ଡ. ଗୌତମ ଜେନା ମଞ୍ଚ ଆମନ୍ତ୍ରଣ କରିଥିବାବେଳେ ପଣ୍ଡିତ ବ୍ରଜକିଶୋର ଦାଶ ଶ୍ଳୋକ ପାଠ କରିଥିଲେ। ସାହିତ୍ୟିକ ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ଡ. ପ୍ରିୟନାଥ ମହାପାତ୍ର, ଧର୍ମଶାଳା ସାହିତ୍ୟ ସମାଜ ସଭାପତି କାହ୍ନୁଚରଣ ଦାଶ, ସମାଜର ପୂର୍ବତନ ସହସମ୍ପାଦକ ମୁରଲୀଧର ସାମଲ, କବି ସଂଗ୍ରାମ ଜେନା, ଡ. ରାଜକିଶୋର ପାଢ଼ୀ ପ୍ରମୁଖ ପଣ୍ଡିତ ତ୍ରିପାଠୀଙ୍କ ପ୍ରତି ଭକ୍ତିଅର୍ଘ୍ୟ ବାଢ଼ିଥିଲେ। ଏହି ଅବସରରେ ଚଳିତ ବର୍ଷର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର ଡ. ଆଦିତ୍ୟ ପ୍ରତାପ ଧଳଙ୍କୁ ପ୍ରଦାନ କରାଯାଇଥିବା ବେଳେ ଶିଶୁ ସାହିତ୍ୟ ସମ୍ମାନ ପ୍ରହ୍ଲାଦ ପଣ୍ଡା ଓ ଦୀନବନ୍ଧୁ କରଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଗୋକର୍ଣ୍ଣିକା ସମାଜ ସେବା ସମ୍ମାନ ଅମର ପ୍ରସାଦ ମହାନ୍ତିଙ୍କୁ ପ୍ରଦାନ କରାଯାଇଥିବାବେଳେ ଅଜୟ କୁମାର ମହାନ୍ତିଙ୍କୁ କବିତା ସମ୍ମାନ ଓ ଜାନକୀ ଦାଶଙ୍କୁ ଗୀତି କବିତା ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ପଣ୍ଡିତ ତ୍ରିପାଠୀଙ୍କ ରଚିତ 'ହେ ମୋର ଅନ୍ତର୍ଯ୍ୟାମୀ' ଓ ଜ୍ୟୋତିରଞ୍ଜନ ବିଶ୍ୱାଳଙ୍କ ଭଜନ ପରିବେଷଣ କରାଯାଇଥିଲା। ସଂଗଠନ ସମ୍ପାଦକ ପ୍ରତାପରୁଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ବିଦ୍ୟାର୍ଥୀଙ୍କଠାରୁ ବେଆଇନ ଚାନ୍ଦା ଆଦାୟ ଅଭିଯୋଗ

**ରସୁଲପୁର,୧୧।୯(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅଞ୍ଚଳରେ ୧୯୫ ସରକାରୀ ବିଦ୍ୟାଳୟ ରହିଛି। ସେଥିମଧ୍ୟରୁ କେତେକ ସ୍ଥାନରେ ୧ରୁ ୫ମ ଓ ଆଉ କେତେକ ସ୍ଥାନରେ ୧ରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପାଠ ପଢୁଛନ୍ତି। ଏସବୁ ବିଦ୍ୟାଳୟରେ ପ୍ରାୟଃ ୧୦ହଜାରରୁ ଅଧିକ ବିଦ୍ୟାର୍ଥୀ ଅଧ୍ୟୟନରତ ଅଛନ୍ତି। ଚଳିତବର୍ଷ ଗଣେଶ ପୂଜା ସମୟରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତରଫରୁ ବିଦ୍ୟାର୍ଥୀମାନଙ୍କଠାରୁ ପୂଜା ଆୟୋଜନ ପାଇଁ ଚାନ୍ଦା ଆଦାୟ କରାଯାଇଥିବା ଅଭିଯୋଗ ହୋଇଛି। କର୍ତ୍ତୃପକ୍ଷ ବିଦ୍ୟାର୍ଥୀମାନଙ୍କଠାରୁ ୫୦ରୁ ୧୦୦ଟଙ୍କା ପର୍ଯ୍ୟନ୍ତ ଅର୍ଥ ଆଦାୟ କରିଛନ୍ତି। ଯାହାକି ସମ୍ବିଧାନର ୮୬ତମ ସଂଶୋଧିତ ଧାରା-୨୧୪ଅନୁଯାୟୀ ଆରସିଏଫସିଇ ଆକ୍ଟ-୨୦୦୯ର ଖୋଲା ଉଲଘଂନ କରୁଛି ବୋଲି ଅଭିଯୋଗକାରୀ ଯାଜପୁର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀ ଦର୍ଶାଇବାକୁ ଯାଇ କହିଛନ୍ତି, ବିଦ୍ୟାଳୟରେ ପରୀକ୍ଷା ଚାଲୁଥିବା ସମୟରେ ପ୍ରଶ୍ନପତ୍ର ଅଭାବ ପରିଲକ୍ଷିତ ହେଲେ ଶିକ୍ଷୟିତ୍ରୀଶିକ୍ଷକମାନେ କଳାପଟାରେ ପ୍ରଶ୍ନପତ୍ର ଲେଖି ଦେଇ ପରୀକ୍ଷା କରିଥାଆନ୍ତି। ସେଥିପାଇଁ ବିଦ୍ୟାର୍ଥୀଙ୍କଠାରୁ ଅର୍ଥ ଆଦାୟ କରାଯାଉ ନ ଥିବା ବେଳେ ପୂଜା ଆଳରେ ଚାନ୍ଦା ଆଦାୟ କରି ଉକ୍ତ ଅର୍ଥରେ ସେମାନେ ମଉଜମଜିଲିସ୍ କରୁଛନ୍ତି। ଘଟଣା ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀମାନଙ୍କୁ ଅବଗତ କରାଇଥିଲେ ସୁଧା ଅଧିକାରୀମାନେ ଚାନ୍ଦା ଆଦାୟ ଘଟଣାକୁ ଅତି ହାଲୁକା ଭାବରେ ଗ୍ରହଣ କରିଛନ୍ତି। ଏହି ଘଟଣା ସଂପର୍କରେ ବିଧିବଦ୍ଧ ତଦନ୍ତ କରାଯାଇ ବିଦ୍ୟାର୍ଥୀମାନଙ୍କୁ ମାଗଣା ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେବାକୁ ସେ ମତରଖିଛନ୍ତି। ଏଥିସହ ଚାନ୍ଦା ଆଦାୟରେ ସଂପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ବସୁନ୍ଧରା ଯୋଜନାରେ ସାମିଲ ଦାବି



ତହସିଲଦାରଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ।

**ପାଣିକୋଇଲି,୧୧।୯(ବିକାଶ ମଲ୍ଲିକ):**

କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତ ତାଜପୁର ଗ୍ରାମର(ଆଦିବାସୀ ସାହି)ରେ ଦୀର୍ଘ ବର୍ଷ ଧରି ଅନେକ ଆଦିବାସୀ ପରିବାର ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ଘରବାରି ପଟ୍ଟା ପାଇଥିଲେ ବି ଆହୁରି ଅନେକ ପଟ୍ଟା ପାଇନାହାନ୍ତି। ଫଳରେ ସେମାନେ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ପଟ୍ଟା ମିଳିବା ପରିବର୍ତ୍ତେ କେବଳ ପ୍ରତିଶ୍ରୁତି ମିଳୁଛି। ସରକାର ଭୂମିହୀନଙ୍କୁ ବସୁନ୍ଧରା ଯୋଜନାରେ ପଟ୍ଟା ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଥିଲେ ବି ଏମାନଙ୍କ ପାଇଁ ଯୋଜନା ସାତସପନ ହୋଇଛି। ମଙ୍ଗଳବାର ଯୁବନେତା ବାପି ଜେନାଙ୍କ ନେତୃତ୍ୱରେ ଆଦିବାସୀ ମହିଳାମାନେ ବ୍ୟାସନଗର ତହସିଲଦାରଙ୍କୁ ଭେଟି ବସୁନ୍ଧରା ଯୋଜନାରେ ସେମାନଙ୍କ ପରିବାରକୁ ସାମିଲ କରିବାକୁ ଦାବି କରିଛନ୍ତି।

## ବାଲି ଚାଲାଣ ଉପରେ ରୋକ ଲଗାଇବାକୁ ଦାବି

**ପାଣିକୋଇଲି,୧୧।୯(ବିକାଶ ମଲ୍ଲିକ):**

ଜାତୀୟ ଗ୍ରିନ ଟ୍ରିବ୍ୟୁନାଲ ଓ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଯାଜପୁର ଜିଲାର ବୈତରଣୀ ଓ ବୁଢ଼ା ଘାଟରୁ ନିୟମିତ ବାଲି ଚାଲାଣ ହେଉଛି। ବାରମ୍ବାର ଖଣି ବିଭାଗ, ପୋଲିସ, ରାଜସ୍ୱ ବିଭାଗକୁ ଜଣାଇଲେ ମଧ୍ୟ କିଛି ସୁଫଳ ମିଳୁନି। ଯାଜପୁର ଜିଲା ପ୍ରଶାସନର କେତେଜଣ ଅଧିକାରୀ/କର୍ମଚାରୀଙ୍କ ଲାଗି ଏପରି ବେଆଇନ ବାଲି ଚାଲାଣ ହେଉଥିବାର ଅଭିଯୋଗ ହୋଇଛି। ଫଳରେ ଦିନକୁ ଦିନ ନଦୀବନ୍ଧ ଦୁର୍ବଳ ହେବା ସହିତ ରାଜ୍ୟ ସରକାର ବିପୁଳ ଟଙ୍କାର ରାଜସ୍ୱ ହରାଉଛନ୍ତି। ଯାହାକୁ ନେଇ ଯାଜପୁର ଜିଲା ଖଣି ଉପନିର୍ଦ୍ଦେଶକ, ଯାଜପୁର ଏମ୍‌ପି ଓ ଖଣି ବିଭାଗର ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କୁ ଚିଠି ଲେଖି ଏହା ଉପରେ ରୋକ ଲାଗାଇବା ସହିତ ଉକ୍ତ ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଅନୁରୋଧ କରିଛନ୍ତି ସ୍ଥାନୀୟ ଗ୍ରାମବାସୀ।

ପ୍ରକାଶଯେ, ଯାଜପୁର ବ୍ଲକ ମାଳଆନନ୍ଦପୁର, ଭୁବନେଶ୍ୱରପୁର, ଚଇନିପୁର ସମେତ ନାଥସାହି ପଞ୍ଚାୟତରୁ ଦୈନେକ ହଜାର ହଜାର ଟ୍ରିପ ବାଲି ବେଆଇନ ଭାବେ ଚୋରାଚାଲାଣ ହେଉଛି। ଯଦ୍ୱାରା ମୁଖ୍ୟ ରାସ୍ତାଟି କ୍ରମଶଃ ଦୁର୍ବଳ ହେବା ସହିତ ରାଜ୍ୟ ସରକାର ବିପୁଳ ଟଙ୍କାର ରାଜସ୍ୱ ହରାଉଛନ୍ତି। ଭାଜପା କର୍ମୀ ଚିତ୍ତରଞ୍ଜନ ସାହୁଙ୍କ ସମେତ ଦେବାଶିଷ ରଣା, ପରେଶ ସାହୁ, କ୍ରିଷ୍ଣା ସାହୁ, ସନ୍ତୋଷ କୁମାର ସାହୁ, ନିରଞ୍ଜନ ନାୟକ, ପ୍ରଦୀପ ସାହୁ, ଶ୍ରୀଧର ତ୍ରିପାଠୀ ପ୍ରମୁଖ ଯାଜପୁର ଏମ୍‌ପି, ଜିଲାପାଳ ଓ ଏସପିଙ୍କୁ ଭେଟି ଏଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ଆଦର୍ଶ ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟିତ

**ଯାଜପୁର ଟାଉନ,୧୧।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**



ଯାଜପୁର ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ବିନ୍ଧାଣ ଆଦର୍ଶ ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ଏମ୍‌ପି ଡା. ରବୀନ୍ଦ୍ର ନାରାୟଣ ବେହେରା ଏହାର ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ଅତିରିକ୍ତ ଜିଲାପାଳ ତଥା ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ଶୁଭେନ୍ଦ୍ର କୁମାର ସାମଲ, ଯାଜପୁର ବିଡିଓ ସ୍ୱାଗତ ଦାସ, ଡେପୁଟି କଲେକ୍ଟର(ରାଜସ୍ୱ) ଶାଶ୍ୱତୀ ସତ୍ପଥୀ ଯୋଗ ଦେଇଥିଲେ। ଏହି ଆଦର୍ଶ ମାର୍କେଟ କମ୍ପ୍ଲେକ୍ସ ୧୦.୨୬ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଇଛି। ଏଠାରେ ପନିପରିବା, ତେଜରାତି, ସହିତ ମାଛ ଓ ମାଂସ ବିକ୍ରିର ସୁବିଧା ରହିଛି। ଏଥିରେ ୫୮ ଦୋକାନ ଘର, ୧୧ ପିଣ୍ଡି, ୨୭ ଫିସ୍ କିସ୍କ, ଗୋଟିଏ ସ୍ଲଟର ହାଉସ ଏବଂ ଶୌଚାଳୟର ବ୍ୟବସ୍ଥା ରହିଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନା ରାସ୍ତାରେ ପୂର୍ବରୁ ଡେଲି ମାର୍କେଟ ଯୋଗୁ ଟ୍ରାଫିକ ସମସ୍ୟା ହେଉଥିଲା। ନିୟନ୍ତ୍ରିତ ବଜାର କମିଟି ଉଦ୍‌ଘାଟନ ଫଳରେ ଏହି ସମସ୍ୟାର ସମାଧାନ ହୋଇପାରିଛି।

## ବାଲ୍ୟ ବିବାହସ୍ଥଳରେ ଚଢ଼ାଉ

**ଚଣ୍ଡିଖୋଲ,୧୧।୯ (ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅଚ୍ୟୁତବସନ୍ତ ଗ୍ରାମରେ ଏକ ବାଲ୍ୟବିବାହ ହେଉଥିବା ଖବର ପାଇ ବାଲିଚନ୍ଦ୍ରପୁର ସମନ୍ୱିତ ଶିଶୁ ବିକାଶ ଅଧିକାରୀ(ସିଡିପିଓ) ଚନ୍ଦନା ମିଶ୍ର ଚଢ଼ାଉ କରିଛନ୍ତି। ଚଢ଼ାଉ ସମୟରେ ଉଭୟ ବର କନ୍ୟାଙ୍କୁ ଗ୍ରାମବାସୀ ଲୁଚାଇ ଦେବାରୁ ଘଟଣାସ୍ଥଳରୁ ଅଧିକାରୀଙ୍କୁ ନିରାଶ ହୋଇ ଫେରିବାକୁ ପଡ଼ିଛି।



ଅଧିକାରୀମାନେ ବାଲ୍ୟ ବିବାହ ସ୍ଥଳରେ ପହଞ୍ଚି ଆଲୋଚନା କରୁଛନ୍ତି।

ସୂଚନା ଅନୁଯାୟୀ, ଅଚ୍ୟୁତ ବସନ୍ତ ଗ୍ରାମର ଦଳେଇ ସାହିରେ ଜଣେ ୧୬ ବର୍ଷର ପୁଅଙ୍କ ସହ ୧୪ ବର୍ଷର ଝିଅଙ୍କ ବିବାହ ହେଉଥିବା କେହି ବାଲିଚନ୍ଦ୍ରପୁର ସିଡିପିଓଙ୍କୁ ଖବର ଦେଇଥିଲେ। ଖବର ପାଇ ସିଡିପିଓ ମିଶ୍ର ଏକ ଟିମ ସହ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ବିବାହ ଓ ଭୋଜିଭାତ ଚାଲିଥିଲା। ମାତ୍ର ଏମାନଙ୍କୁ ଦେଖିବା ପରେ ବର କନ୍ୟାଙ୍କୁ ଲୋକେ ଲୁଚାଇ ଦେଇଥିଲେ। ଏହାପରେ ମିଶ୍ର ବାଲିଚନ୍ଦ୍ରପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବାବେଳକୁ ଗ୍ରାମବାସୀ ସହଯୋଗ ନ କରିବାରୁ ସମସ୍ତେ ନିରାଶ ହୋଇ ଫେରିଥିଲେ। ଏସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କୁ ପଚାରିବାରୁ ସେ କହିଛନ୍ତି, ସ୍ଥାନୀୟ ଗ୍ରାମବାସୀ ଓ ପୋଲିସର ସହଯୋଗ ନ ମିଳିବାରୁ ଏମାନଙ୍କୁ ବାଧ ହୋଇ ଫେରିବାକୁ ପଡ଼ିଛି। ଗୁରୁବାର ଯାଜପୁର ଜିଲାପାଳଙ୍କୁ ଜଣାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ

ଆଳି, (ବନମାଳୀ ସେନାପତି ): ଆଳି ଥାନା ଅନ୍ତର୍ଗତ ମାନପୁର ସାମଲସାହି ନିକଟରେ ପ୍ରବାହିତ କାଣୀନଦୀରୁ ଜଣେ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ କରାଯାଇଛି । ବୁଧବାର ସକାଳେ ମୃତଦେହ ସାମଲ ସାହି ନଦୀକୂଳରେ ଲାଗିବା ପରେ ସ୍ଥାନୀୟ ଲୋକ ଆଳି ଥାନା ସହିତ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ । ଆଳି ଦମକଳ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ନଦୀରୁ ମୃତଦେହ ଉଦ୍ଧାର କରିବା ପରେ ଆଳି ପୋଲିସକୁ ଖବର ଦେଇଥିଲେ । ଆଳି ପୋଲିସ ମୃତଦେହ ଜବତ କରି ଆଳି ମେଡିକାଲ ପଠାଇଛି । ଗୁରୁବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି । ମୃତ ବ୍ୟକ୍ତିଙ୍କର ପରିଚୟ ମିଳିପାରିନି ।

# କ୍ୱାକ୍‌ଙ୍କ କବଳରେ ରୋଗୀ

ମହାକାଳପଡ଼ା,୧୧।୯(ପ୍ରତାପ ଚନ୍ଦ୍ର ସ୍ୱାଇଁ)



ସୂଚନା ଫଳକ ଲଗାଇଛନ୍ତି ନକଲି ଡାକ୍ତର ।

- ଅନ୍ୟ ରାଜ୍ୟର ନକଲି ଡାକ୍ତର କରୁଛନ୍ତି ଗର୍ଭପାତ
- ବାରମ୍ବାର ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍
- ଜନ ସଚେତନତା ବି କାମ କରୁନାହିଁ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ବିଭିନ୍ନ ଗ୍ରାମରେ ନକଲି ଡାକ୍ତର ତଥା କ୍ୱାକ୍‌ଙ୍କ ପ୍ରଭାବ ବଢ଼ି ଚାଲିଛି । ରାଜ୍ୟ ବାହାରୁ ଆସୁଥିବା ଏପରି କ୍ୱାକ୍ ଅସ୍ଥାୟୀ ଭାବେ ଗାଁରେ ରହି ରୋଗୀଙ୍କ ଚିକିତ୍ସା କରିବା ସହିତ ନିମ୍ନମାନର ଔଷଧ ବିକ୍ରି କରୁଛନ୍ତି । ଏପରି କି ସେମାନଙ୍କ ମଧ୍ୟରୁ କେତେଜଣ ରାତିରେ ଅତି ଗୋପନୀୟ ଭାବେ ଗର୍ଭପାତ କରାଉଛନ୍ତି । ଏପରି ସେବା ଯୋଗାଇ ସେହି କ୍ୱାକ୍‌ମାନେ ଭଲ ଦୁଇ ପଇସା ରୋଜଗାର କରୁଛନ୍ତି । ହେଲେ ଏଥିରେ ରୋଗୀ ସୁସ୍ଥ ହେବା ପରିବର୍ତ୍ତେ ଗୁରୁତର ହେଉଥିବା ଅଭିଯୋଗ ହୋଇଛି ।

ବିଶେଷ କରି କୋଲକତା, ବାଂଲାଦେଶରୁ ଏହି କ୍ୱାକ୍‌ମାନେ ଆସି ବିଭିନ୍ନ ଗାଁରେ ରୋଗୀଙ୍କ ମଧ୍ୟରେ ଚିକିତ୍ସା ସୁବିଧା ଯୋଗାଇ ଦେବାର ବିଶ୍ୱାସ ସୃଷ୍ଟି କରୁଛନ୍ତି । ପରେ ସେମାନେ ସେହି ଅଞ୍ଚଳର ଲୋକଙ୍କ ସହିତ ବନ୍ଧୁତା ସ୍ଥାପନ କରି ଗାଁ ଲୋକଙ୍କ ଘରେ ରହୁଛନ୍ତି । ଆଉ କେତେଜଣ ଘର ଭଡ଼ା ନେଇ ରହିବା ସହ ଜଙ୍ଗଲ କିସମ ଜମିରେ ଘର ନିର୍ମାଣ କରି ବସବାସ କରୁଛନ୍ତି । ଏହି ନକଲି ଚିକିତ୍ସକମାନେ ଛୋଟ ବ୍ୟାଗ୍ କିମ୍ବା କାଠବାକ୍ସରେ ବିଭିନ୍ନ ଔଷଧ, ଅପରେଶନ ସାମଗ୍ରୀ ଧରି ଅତି ଗୋପନୀୟ ଭାବେ ବେଆଇନ ଗର୍ଭପାତ କରୁଛନ୍ତି । ଗର୍ଭପାତ ପାଇଁ ସେମାନେ ୫ରୁ ୧୦ହଜାର ଟଙ୍କା ଦାବି କରୁଛନ୍ତି । କିଛି ମାସ ତଳେ ଜଣେ ନକଲି ଡାକ୍ତର ବେଆଇନ ଭାବେ ଗର୍ଭପାତ କରୁଥିଲେ । ହେଲେ ସମ୍ପୃକ୍ତ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିଲା । ତାଙ୍କୁ ରାତି ଅଧରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଏକ ଡଙ୍ଗାରେ ପାରାଦୀପ ନିଆଯାଇଥିଲା । ଏହି ଖବର ଜଣାପଡ଼ିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ସମ୍ପୃକ୍ତ ନକଲି ଡାକ୍ତର ଜୀବନ ବିକଳରେ ଘଟଣାସ୍ଥଳରୁ ଛାଡ଼ି ଫେରାର ହୋଇଯାଇଥିଲେ । ଏବେ କେତେଜଣ ନକଲି ଡାକ୍ତର ସାଇକେଲରେ ଔଷଧ ଧରି ବିଭିନ୍ନ ଗାଁ ବୁଲୁଛନ୍ତି । ସେମାନେ ମାଇକ୍‌ରେ ବିଭିନ୍ନ ରୋଗର ଚିକିତ୍ସା କରିବେ ବୋଲି ପ୍ରଚାର କରୁଛନ୍ତି । ୨ ବର୍ଷ ତଳେ ଜମ୍ବୁ ଅଞ୍ଚଳର ଜଣେ ନକଲି ଡାକ୍ତର ଭାଟେଣି ଅଞ୍ଚଳର ଜଣେ ମହିଳାଙ୍କ ଜ୍ୱର ଭଲ ହେବାକୁ ଏକ ଇଞ୍ଜେକଶନ ଦେଇଥିଲେ । ହେଲେ ଏହାର କିଛି ସମୟ ମଧ୍ୟରେ ସମ୍ପୃକ୍ତା ମହିଳାଙ୍କ ମୃତ୍ୟୁ ଘଟିଥିଲା । ଏ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା । ଆଉ ଏକ ଘଟଣାରେ ବେଣାକନ୍ଧା ଅଞ୍ଚଳର ଜଣେ ନକଲି ଚିକିତ୍ସକ ପଙ୍କପାଳ ଅଞ୍ଚଳର ଜଣେ ରୋଗୀଙ୍କ ଚିକିତ୍ସା କରିଥିଲେ । ସେହି ରୋଗୀଙ୍କୁ କେବଳ ଜ୍ୱର ହୋଇଥିଲା । ହେଲେ ନକଲି ଡାକ୍ତରଙ୍କ ଔଷଧରେ ସେ ଅଧିକ ଗୁରୁତର ହୋଇପଡିଥିଲେ । ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବା ପାଇଁ ନିଆଯାଉଥିଲା । ହେଲେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । ସେହିପରି ନକଲି ଚିକିତ୍ସକଙ୍କ ଚିକିତ୍ସାରେ ପିତାପାଟ ଅଞ୍ଚଳର ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା । ସେହିପରି ବ୍ଲକର ଉପାନ୍ତ ଅଞ୍ଚଳର ଜମ୍ବୁ,ବଟିଘର, ତନ୍ତିଆପାଳ, ଖରିନାଶି, ସୁନିତି, ବେଣାକନ୍ଧା, ରାମନଗର ଆଦି ଅଞ୍ଚଳରେ ଏପରି କ୍ୱାକ ବା ନକଲି ଡାକ୍ତର ବୁଲୁଛନ୍ତି । ହାତ ପାହାନ୍ତାରେ ଚିକିତ୍ସା ସୁବିଧା ମିଳୁ ନ ଥିବାରୁ ରୋଗୀମାନେ ସେମାନଙ୍କ ପାଖରେ ଚିକିତ୍ସିତ ହେବାକୁ ଯାଉଛନ୍ତି । ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ ହେଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଅନ୍ୟପକ୍ଷେ ନକଲି ଡାକ୍ତରଙ୍କ ପାଖରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କ ଅବସ୍ଥା ଗୁରୁତର ହେଉଥିଲେ ମଧ୍ୟ ଲୋକେ ସଚେତନ ହେଉ ନ ଥିବା ଅଭିଯୋଗ ହୋଇଛି ।

ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରିଣୀ ଡା. ଅନିତା ପଟ୍ଟନାୟକ କହିଛନ୍ତି, ନକଲି ଡାକ୍ତରଙ୍କ ପାଖରେ ଚିକିତ୍ସିତ ନ ହେବାକୁ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକତା ରହିଛି । ଅନ୍ୟପକ୍ଷେ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବରକୁ ଭିତ୍ତିକରି ଜିଲାପାଳଙ୍କଠାରୁ ଅନୁମତି ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

## ବ୍ୟାଙ୍କ ସମ୍ମୁଖରେ ଚପଲ ରଖି ଲମ୍ବା ଲାଇନ



ବ୍ୟାଙ୍କ ସମ୍ମୁଖରେ ଲୋକମାନେ ଚପଲକୁ ଧାଡ଼ିରେ ରଖିଛନ୍ତି ।

ରଘୁନାଥପୁର, ୧୧।୯ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକର ବିଭିନ୍ନ ଜନସେବା କେନ୍ଦ୍ର ଓ ବ୍ୟାଙ୍କରେ ସୁଭଦ୍ରା ଯୋଜନାର ତାତି ଦେଖାଯାଇଛି । କାର୍ଯ୍ୟାଳୟ ଖୋଲିବାର ଯଥେଷ୍ଟ ପୂର୍ବରୁ ଲୋକେ ଲମ୍ବା ଲାଇନ ଲଗାଉଛନ୍ତି । ବୁଧବାର ବଜାରରେ ଥିବା ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ଲୋକମାନେ ସେମାନଙ୍କ ପିନ୍ଧିଥିବା ଚପଲକୁ ଲାଇନରେ ରଖି ଆଖପାଖରେ ଆଶ୍ରୟ ନେଉଥିବା ଦେଖାଯାଇଛ । ଦୈନିକ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ଓ ମୋବାଇଲ ନମ୍ବର ଆକାଉଣ୍ଟରେ ଲିଙ୍କ କରିବାକୁ ପ୍ରବଳ ଗହଳି ହେଉଛି । ଅନ୍ୟ କାର୍ଯ୍ୟ ପାଇଁ ଆସୁଥିବା ଲୋକେ ବ୍ୟାଙ୍କରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି । ସେହିପରି ସୁଭଦ୍ରା ଫର୍ମ ପକାଇବା କିମ୍ବା ଆଧାର ଅପଡେଟ କରିବାକୁ ବିଭିନ୍ନ ଜନସେବା କେନ୍ଦ୍ରରେ ଭିଡ଼ ପରିଲକ୍ଷିତ ହେଉଛି । ଏପରିକି ସାଇଟ ଖୋଲୁ ନ ଥିବାରୁ ଲୋକେ ରାତିସାରା କେନ୍ଦ୍ର ନିକଟରେ ଡେରା ପକେଇ ରହୁଥିବା ଦେଖିବାକୁ ମିଳିଛି ।

## କନିଷ୍ଠ କିରାଣିଙ୍କ ଆମରଣ ଅନଶନ

ମାର୍ଶାଘାଇ,୧୧।୯
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)



ମହିଳା ମହାବିଦ୍ୟାଳୟ ଆରମ୍ଭ ଦିନରୁ ସେ କନିଷ୍ଠ କିରାଣୀ ତଥା ଟାଇପିଷ୍ଟ ଭାବେ କାମ କରୁଛନ୍ତି । ମାତ୍ର ଚକ୍ରାନ୍ତ କରି କର୍ତ୍ତୃପକ୍ଷ ତାଙ୍କୁ ବାହାର କରି ଅନ୍ୟ ଜଣଙ୍କୁ ନିଯୁକ୍ତି ଦେଇଛନ୍ତି । ଏହାର ପ୍ରତିବାଦରେ ସେ ଆମରଣ ଅନଶନରେ ବସିଛନ୍ତି ବୋଲି ମାର୍ଶାଘାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କନିଷ୍ଠ କିରାଣୀ ଅରୁଣ କୁମାର ରଥ ପ୍ରକାଶ କରିଛନ୍ତି । ଏହି ପରିପେକ୍ଷୀରେ ସେ ଉକ୍ତ କଲେଜର ବିଭିନ୍ନ ରେକର୍ଡରେ ହୋଇଥିବା ଅନିୟମିତତାର ତଦନ୍ତ ଦାବି କରିଛନ୍ତି । ତାଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ସେ ଆମରଣ ଅନଶନରେ ବସିବେ ବୋଲି କହିଛନ୍ତି । ଏ ସମ୍ପର୍କରେ ଅଧ୍ୟକ୍ଷା ଜ୍ୟୋସ୍ନାମୟୀ ମହାପାତ୍ରଙ୍କୁ ପଚାରିବାରେ ରଥ ୨୦୧୬ ମସିହାରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଆସି ନାହାନ୍ତି । ଯେଉଁ ମହିଳାଙ୍କୁ ନିଯୁକ୍ତି ମିଳିଛି ତାଙ୍କ ନିଯୁକ୍ତିକୁ ଉଚ୍ଚ ଶିକ୍ଷା ନିର୍ଦ୍ଦେଶଙ୍କ ଆପ୍ରୁଭାଲ ଅଛି ବୋଲି କହିଛନ୍ତି ।

## ଦ୍ୱିତୀୟ ଦିନରେ ଚାଷୀଙ୍କ ଆମରଣ ଅନଶନ ଜାରି


ଆମରଣ ଅନଶନ ସ୍ଥଳରେ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରୁଛନ୍ତି ।

ରାଜକନିକା,୧୧।୯(ସଞ୍ଜୟ କୁମାର ଦାଶ)

**ବରୁଣା ସମବାୟ ସମିତିରେ ଚାଷୀଙ୍କ ଟଙ୍କା ହଡ଼ପ ଘଟଣା**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣା ପ୍ରାଥମିକ କୃଷି ସମବାୟ ସମିତି ଲିଃ (ପାକ୍ସ)ରେ ଚାଷୀଙ୍କ ଅଜାଣତରେ ଟଙ୍କା ହେରଫେର ଘଟଣାକୁ ନେଇ ପେଗରପଡ଼ା ସମିତି ସଭ୍ୟ ପ୍ରବେଶନ ମଲିକ ଓ ଚାଷୀମାନେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ସମ୍ମୁଖରେ ମଙ୍ଗଳବାରଠାରୁ ଆମରଣ ଅନଶନରେ ବସିଛନ୍ତି । ବୁଧବାର ତାହା ଦ୍ୱିତୀୟ ଦିନରେ ପହଞ୍ଚିଛି । ଆଜି ବିଭିନ୍ନ ଅଞ୍ଚଳର ଚାଷୀ ଏହି ଅନଶନକୁ ସମର୍ଥନ ଜଣାଇ ଯୋଗ ଦେଇଛନ୍ତି । ମଙ୍ଗଳବାର ସନ୍ଧ୍ୟାରେ କନିକା ତହସିଲଦାର ଦାୟିତ୍ୱରେ ଥିବା ବିଡ଼ିଓ ପୃଥୀରାଜ ପରିଡା, ବିଭାଗୀୟ ସହକାରୀ ଉପ ନିବନ୍ଧକ ଯୋଗେନ୍ଦ୍ର ନାଥ ବିଶାଳ ଓ ମାର୍ଶାଘାଇ କଟକ କେନ୍ଦ୍ର ବ୍ୟାଙ୍କର ଶାଖା ପରିଚାଳକ ଦୁର୍ଗାମାଧବ ନନ୍ଦ ପ୍ରମୁଖ ଅନଶନରତ ପେଗରପଡା ସମିତି ସଭ୍ୟ ପ୍ରବେଶନ ମଲିକ ଓ ଚାଷୀମାନଙ୍କୁ ଅନଶନରୁ ଓହରିବାକୁ ବୁଝାଶୁଝା କରିଥିଲେ । ହେଲେ ଅନଶନକାରୀ ନିଜ ଜିଦ୍‌ରେ ଅଟଳ ରହିଛନ୍ତି । ଚାଷୀମାନଙ୍କୁ ଉଚିତ୍ ନ୍ୟାୟ ମିଳିଲେ ସେ ଅନଶନରୁ ଓହରିବେ ବୋଲି ମଲିକ୍ କହିଛନ୍ତି । ତେବେ ତଦନ୍ତ ପ୍ରକ୍ରିୟା ପାଇଁ ୭ଦିନ ଆବଶ୍ୟକତା ଅଛି ବୋଲି ବିଭାଗୀୟ ଅଧିକାରୀ ବିଶ୍ୱାଳ କହିଛନ୍ତି । ତଦନ୍ତର ୭ଦିନ ପରେ ଚାଷୀ ଉପଯୁକ୍ତ ନ୍ୟାୟ ପାଇଲେ ଅନଶନରୁ ଓହରିଯିବେ ବୋଲି ସେ କହିଛନ୍ତି । ଅନଶନ ସ୍ଥଳରେ ଡାକ୍ତରୀ ଟିମ ପହଞ୍ଚି ଅନଶନକାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଛନ୍ତି । ଗୁରୁବାର ସମବାୟ ବିଭାଗ ପକ୍ଷରୁ ଦ୍ୱିତୀୟ ତଦନ୍ତ କରାଯିବ ବୋଲି ଅନଶନକାରୀଙ୍କୁ କଟକ ମୁଖ୍ୟାଳୟରୁ ଚିଠି ହସ୍ତଗତ ହୋଇଛି । ବୁଧବାର ସନ୍ଧ୍ୟାରେ କେନ୍ଦ୍ରାପଡ଼ା ମଣ୍ଡଳର ଉପନିବନ୍ଧକ ସମବାୟ ସମିତି ସମୂହ ସନ୍ତୋଷ କୁମାର ଦାସ ଓ ମାର୍ଶାଘାଇ କଟକ କେନ୍ଦ୍ର ବ୍ୟାଙ୍କର ଶାଖା ପରିଚାଳକ ଦୁର୍ଗାମାଧବ ନନ୍ଦ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସମାଧାନ ସୂତ୍ର ବାହାରି ନାହିଁ ।

ସୂଚନାଯୋଗ୍ୟ, ବରୁଣା ପ୍ରାଥମିକ କୃଷି ସମବାୟ ସମିତି ଲିଃ (ପାକ୍ସ)ର ସମ୍ପାଦକ ଅସିତ କୁମାର ବେହୁରା ଏବଂ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ପୂର୍ବତନ ରାଜକନିକା ଶାଖା ପରିଚାଳକ ସଞ୍ଜୟ କୁମାର ମହାପାତ୍ର ଦୁହେଁ ମିଳିମିଶି ଚାଷୀଙ୍କ ଋଣ ଟଙ୍କା ଓ ଛାଡ ଟଙ୍କାକୁ ଚାଷୀଙ୍କ ଅଜାଣତରେ ଆକାଉଣ୍ଟରୁ ଚଲୁ କରିଥିବା ଅଭିଯୋଗ ହୋଇଥିଲା । ଏହି ଦୁର୍ନୀତିର ପର୍ଦ୍ଦାଫାଶ କରିବାକୁ ପାତୁଳି ଗାଁର ଚାଷୀ ଧରଣୀଧର ନାୟକ ଅଗଷ୍ଟ ୩ରେ ଥାନାରେ ଅଭିଯୋଗ କରିଥିଲେ ।

## ଏକାଠି ରହିଲେ ସ୍ୱାର୍ଥ ହାସଲ କରିବା

**ପାରାଦୀପ ପୋର୍ଟ ଡିଏଲଆରର୍ସ ଆଣ୍ଡ କଣ୍ଟ୍ରାକ୍ଟ ୱାର୍କମେନ ଆସୋସିଏଶନର ସାଧାରଣ ସଭା**


ସାଧାରଣ ସଭାରେ ଆରବିନ୍ଦ ସର୍ଖେଲ ଓ ଅନ୍ୟମାନେ ।

ପାରାଦୀପ,୧୧।୯(ଶରତ ରାଉତ)

ସ୍ଥାନୀୟ ମଧୁବନ ବିଜୁ କନଭେସନ୍ ପରିସରରେ ବୁଧବାର ସନ୍ଧ୍ୟାରେ ପାରାଦୀପ ପୋର୍ଟ ଡିଏଲଆରର୍ସ ଆଣ୍ଡ କଣ୍ଟ୍ରାକ୍ଟ ୱାର୍କମେନ ଆସୋସିଏଶନ ପକ୍ଷରୁ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆସୋସିଏଶନ ସଭାପତି ଅରିନ୍ଦମ ସର୍ଖେଲ (ବାପି), ସମ୍ପାଦକ ସମୀର ବିଶ୍ୱାଳଙ୍କ ସମେତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଏବେ ସରକାର ବଦଳିବା ପରେ କିଛି ମୁଷ୍ଟିମେୟ ଲୋକ ଡିଏଲଆର ଶ୍ରମିକଙ୍କୁ ପଥଭ୍ରଷ୍ଟ କରିବା ପାଇଁ ଉଦ୍ୟମ କରୁଛନ୍ତି । ସେଥିରେ ପ୍ରଲୋଭିତ ନ ହେବା ପାଇଁ ସର୍ଖେଲ ପରାମର୍ଶ ଦେଇଥିଲେ । ବିଗତଦିନରେ ଅନେକ ସମସ୍ୟା ସମ୍ପର୍କରେ ଆମେ ଦୀର୍ଘ ସମୟ ଲଢ଼େଇ କରି ଅନେକ ଶ୍ରମିକଙ୍କୁ ନ୍ୟାୟ ଦେଇଥିଲେ । ଆପଣ ମାନେ ଏକତା ମଧ୍ୟରେ ରହିଲେ ଆମର ମନୋବଳ ବଢ଼ିବ । ଆପଣଙ୍କ ହକ୍‌କୁ ଆମେ ଲଢ଼େଇ କରି ହାସଲ କରିବା ବୋଲି କହିଥିଲେ ।

## ନବବଧୂଙ୍କ ଝୁଲନ୍ତା ମୃତଦେହ ଜବତ

ଡେରାବିଶ,୧୧।୯(ବେବର୍ତ୍ତା ଅଜୟ ଦାସ)



ଡେରାବିଶ ଥାନା ଅନ୍ତର୍ଗତ ଚାଟରାଚକଡା ପଞ୍ଚାୟତର ଓଲଢି ଗ୍ରାମରେ ଗତ ମଙ୍ଗଳବାର ରାତିରେ ଏକ ଦୁଃଖଦ ଘଟଣା ଘଟିଛି । ଜଣେ ନବବଧୂଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି । ମୃତକଙ୍କ ବାପା ଏହାକୁ ହତ୍ୟାକାଣ୍ଡ ବୋଲି ଦର୍ଶାଇ ଡେରାବିଶ ଥାନାରେ ବୁଧବାର ଅଭିଯୋଗ କରିଛନ୍ତି । ମୃତ ନବବଧୂ ହେଲେ ଓଲଢି ଗାଁର ଶମ୍ଭୁନାଥ ବେହେରାଙ୍କ ସ୍ତ୍ରୀ ରଶ୍ମିତା (୨୧) । ଅଭିଯୋଗକାରୀ ଧର୍ମଶାଳା ଥାନା ଦେଉଳି ଗାଁର ମୃତ ରଶ୍ମିତାଙ୍କ ବାପା ବିନୋଦ ମଲିକ ।

ବିନୋଦଙ୍କ ଅଭିଯୋଗ ଅନୁଯାୟୀ, ଜୁନ୍ ୨୪ରେ ଶମ୍ଭୁନାଥ କେତେଜଣ ଯୁବକଙ୍କ ସହାୟତାରେ ରଶ୍ମିତାଙ୍କୁ ଜୋରକାରୁ ଅପହରଣ କରି ନେଇଥିଲେ । ଏହାପରେ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ । ପରେ ଶମ୍ଭୁନାଥ ନୋଟାରୀରେ ରଶ୍ମିତାଙ୍କୁ ବିବାହ କରିଥିଲେ । ହେଲେ ରଶ୍ମିତା ଜଣେ ଅନୁସୁଚିତ ଜାତିର ଝିଅ ହୋଇଥିବାରୁ ଶମ୍ଭୁନାଥଙ୍କ ପରିବାର ତାଙ୍କୁ ବୋହୂ ଭାବେ ଗ୍ରହଣ ନ କରି ଘରୁ ବାହାର କରିଦେଇଥିଲେ । ଏଥିସହିତ ଶମ୍ଭୁନାଥଙ୍କ ପରିବାର ବିଭିନ୍ନ ସମୟରେ ରଶ୍ମିତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ସହ ସହ ୨ଲକ୍ଷ ଟଙ୍କା ବିନୋଦଙ୍କଠାରେ ଦାବି କରିଥିଲେ । ମଙ୍ଗଳବାର ରାତି ୮ଟା ୪୩ରେ ଝିଅକୁ ବଜାର ବୁଲାଇବାକୁ ଆଣିଛି ବୋଲି ବିନୋଦଙ୍କୁ ଶମ୍ଭୁନାଥ ଫୋନ କରି କହିଥିଲେ । ଏହାର କିଛି ମିନିଟ୍ ପରେ ପୁନର୍ବାର ଫୋନ କରି ତମ ଝିଅ ମରିଯାଇଛି ବୋଲି କହିଥିଲେ । ଏହି ଖବର ପାଇ ବିନୋଦଙ୍କ ପରିବାର ଗାଡ଼ି କରି ଓଲଢିରେ ପହଞ୍ଚିଥିଲେ । ଝିଅ କାହିଁ ବୋଲି ପଚାରିବାରୁ ମୃତଦେହ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇ ଦିଆଯାଇଛି ବୋଲି ଶମ୍ଭୁନାଥଙ୍କ ପରିବାର ଲୋକେ କହିଥିଲେ । ଏହି ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୧୧୭/୨୪)ରୁଜୁ କରିଛି । ଶମ୍ଭୁନାଥଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚୁରା କରୁଛି ।

## ଭିତରକନିକାରେ ବିଶ୍ୱ ବନ ଶହୀଦ ଦିବସ ପାଳିତ

**୫ ଶହୀଦ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କଲେ ଡିଏଫ୍‌ଓ**


ଶହୀଦ ହୋଇଥିବା ୫ ପରିବାରଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି ।

ରାଜନଗର,୧୧।୯(ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନର ଡାଙ୍ଗମାଳଠାରେ ଥିବା ଶହୀଦ ସ୍ତମ୍ଭ ନିକଟରେ ବିଶ୍ୱ ବନ ଶହୀଦ ଦିବସ ପାଳିତ ହୋଇଯାଇଛି । ଭିତରକନିକା ଆର୍ଦ୍ରଭୂମି ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ସୁରକ୍ଷା ତଥା ସଂରକ୍ଷଣ ପାଇଁ ନିରନ୍ତର ସେବା ଯୋଗାଇବା ସମୟରେ ଅସାମାଜିକ ବ୍ୟକ୍ତି ଓ ବନ୍ୟଜନ୍ତୁଙ୍କ ଆକ୍ରମଣରେ ଶହୀଦ ହୋଇଥିବା ବନକର୍ମଚାରୀଙ୍କ ଉଦ୍ଦେଶ୍ୟରେ ଡାଙ୍ଗମାଳଠାରେ ଥିବା ଶହୀଦ ସ୍ମୃତିସ୍ତମ୍ଭରେ ଡିଏଫ୍‌ଓ ସୁଦର୍ଶନ ଗୋପିନାଥ ଯାଦବ, ସହକାରୀ ବନ ସଂରକ୍ଷକ ପୁନମହୀରା ହାଁସଦା, ଗଗନ ବିହାରୀ ମଲିକ, ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସ ପ୍ରମୁଖ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଭିତରକନିକା ଓ ଗହୀରମଥା ଇତିହାସରେ ଆଜିସୁଦ୍ଧା ୪ଜଣ ବନ କର୍ମଚାରୀ ଅସାମାଜିକ ବ୍ୟକ୍ତିଙ୍କ ଆକ୍ରମଣରେ ଶହୀଦ ହୋଇଥିବା ବେଳେ ଜଣେ କର୍ମଚାରୀ କୁମ୍ଭୀର ଆକ୍ରମଣରେ ପ୍ରାଣ ହରାଇଥିଲେ । ଫରେଷ୍ଟର ଏସ୍.କେ.ନୁର ମହମ୍ମଦ ଓ ଡିଏଲ୍‌ଆର୍ କର୍ମଚାରୀ ସେକ୍ ଗାଫିଲକୁ ୨ ଜାନୁଆରୀ ୧୯୯୦ରେ ହୁକିଟୋଲାରେ କାଠ ଚାଲାଣକାରୀମାନେ ଅତି ଅମାନୁଷିକ ଭାବେ ହତ୍ୟା କରିଥିଲେ । ସେହିପରି ୪ ଏପ୍ରିଲ ୧୯୯୬ରେ କୁଜଙ୍ଗର ଆକାଶଡିଆରେ ବନକର୍ମଚାରୀ ଦିଜବର ସ୍ୱାଇଁଙ୍କୁ କାଠ ଚାଲାଣକାରୀମାନେ ମାରି ଦେଇ ବାଲିରେ ପୋତି ଦେଇଥିଲେ । ୨୪ ଏପ୍ରିଲ ୨୦୦୦ରେ ଡିଏଲ୍‌ଆର କର୍ମଚାରୀ ମଧୁସୂଦନ ବେହେରା ଡାଙ୍ଗମାଳ କୁମ୍ଭୀର ପ୍ରଜନନ କେନ୍ଦ୍ରରେ କାମ କରୁଥିବା ବେଳେ କୁମ୍ଭୀର ଆକ୍ରମଣରେ ପ୍ରାଣ ହରାଇଥିଲେ । ୮ ଫେବୃଆରୀ ୨୦୦୩ରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଟ୍ରଲର ଚାଳକମାନେ ଫରେଷ୍ଟର ଶ୍ୟାମ ସୁନ୍ଦର ସିଂଙ୍କୁ ଅତି ନିର୍ମମ ଭାବେ ମାଡ ମାରିବା ସହ ଗଭୀର ସମୁଦ୍ରକୁ ଫୋପାଡି ଦେଇଥିଲେ । ପରେ ତାଙ୍କ ମୃତଦେହ ମିଳିଥିଲା । ଭିତରକନିକା ଓ ଗହୀରମଥାର ସୁରକ୍ଷା ପାଇଁ ବଳିଦାନ ଦେଇଥିବା ଏହି ୫ ବନ କର୍ମଚାରୀଙ୍କ ବଳିଦାନକୁ ମନରେ ରଖିବା ଓ ଭବିଷ୍ୟତ ପିଢୀର କ୍ଷେତ୍ର କର୍ମଚାରୀଙ୍କୁ ଅନୁପ୍ରାଣିତ କରିବା ଉଦ୍ଦେଶ୍ୟରେ ରାଜନଗର ବନବିଭାଗ ପକ୍ଷରୁ ଏହି ସ୍ମୃତିସ୍ତମ୍ଭ ନିର୍ମାଣ କରାଯାଇଛି । ଏହି ଶହୀଦ ସ୍ମୃତିସ୍ତମ୍ଭ ନିକଟରେ ଡିଏଫ୍‌ଓ ଶହୀଦ ୫ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିବା ସହ ଭିତରକନିକା ଓ ଗହୀରମଥାର ସୁରକ୍ଷା ପାଇଁ ବନକର୍ମଚାରୀଙ୍କ ବଳିଦାନ ଚିର ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ରାଜନଗର ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେଉରା, ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ କୁମାର ମହାରଣା, ମହାକାଳପଡା ରେଞ୍ଜ ଅଫିସର, ଗବେଷକ ପ୍ରସନ୍ନ କୁମାର ନାୟକ, ବନକର୍ମଚାରୀ ରଞ୍ଜନ କୁମାର ପାଢୀ ପ୍ରମୁଖ ଶହୀଦ କର୍ମଚାରୀଙ୍କ ସ୍ମୃତିଚାରଣ କରିଥିଲେ ।

## ଅଭିଯୋଗ ପରେ ବି ହେଉନି ତଦନ୍ତ

ଆଳି,୧୧।୯(ବନମାଳୀ ସେନାପତି )

**ଅରଗଳରେ ଯୁବକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳିବା ଘଟଣା**


ନିରଞ୍ଜନ ବାରିକ ।


ବୁଦ୍ଧିମତା ବେହେରା ।


ଶରତ ଧଳ ।


ଶ୍ରୀଧର ପ୍ରସାଦ ଦାଶ ।

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅରଗଳ ପଞ୍ଚାୟତରେ ଶତାଧିକ ବୟସ୍କ ବ୍ୟକ୍ତି ବାର୍ଦ୍ଧକ୍ୟ ଭତ୍ତା ପାଇବା ନିମନ୍ତେ ଅପେକ୍ଷା କରିଛନ୍ତି । ହେଲେ ପ୍ରଶାସନ ସେମାନଙ୍କୁ ଭତ୍ତା ଦେବା ବଦଳରେ ଯୁବକମାନଙ୍କୁ ଦେଇଥିବା ନେଇ ଅଭିଯୋଗ କରାଯାଇଥିଲା । ଘଟଣାର ତଦନ୍ତ ନିମନ୍ତେ ପଞ୍ଚାୟତ ପକ୍ଷରୁ ଦାବି ହୋଇଥିବାବେଳେ ଏପର୍ଯ୍ୟନ୍ତ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ।

ସାଧାରଣ ନିର୍ବାଚନ ପୂର୍ବରୁ ସରକାରୀ ଚିଠି ନଂ. ୩୨୯/୫୫ରେ ୩୦୩ ଜଣ ହିତାଧିକାରୀଙ୍କ ଭତ୍ତା ଆବେଦନକୁ ମଞ୍ଜୁର କରାଯାଇଥିଲା । ଏହି ୩୦୩ ହିତାଧିକାରୀଙ୍କ ମଧ୍ୟରେ ୨୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଅଯୋଗ୍ୟ ଥିବା ଜଣାପଡ଼ିଛି । ହିତାଧିକାରୀଙ୍କ ବୟସ ୩୦ରୁ ୫୦ବର୍ଷ ହୋଇଥିବାବେଳେ ସେମାନେ ଭୋଟର ତାଲିକାରେ ବୟସ ବଢ଼ାଇ ଭତ୍ତା ହାତେଇଥିବା ଜଣାପଡ଼ିଛି । ଏପରିକି ଅରଗଳ ପଞ୍ଚାୟତରେ ଥିବା ସ୍କୁଲ ଓ ଯାଜପୁରର ବିରିପଟା ହାଇସ୍କୁଲରୁ ଜାଲ୍ ସାର୍ଟିଫିକେଟ ମଧ୍ୟ ବ୍ୟବହାର କରି ଏହି ହିତାଧିକାରୀମାନେ ଭତ୍ତା ହାତେଇଛନ୍ତି । ଏହା ଜଣାପଡ଼ିବା ପରେ ଅଗଷ୍ଟ ୨୦ରେ ଆଳି ବ୍ଲକରେ ଜିଲାପାଳଙ୍କ ଜନଶୁଣାଣି ଶିବିରକୁ ପଞ୍ଚାୟତର କେତେଜଣ ବ୍ୟକ୍ତି ଏହି ଦୁର୍ନୀତି ସମ୍ପର୍କରେ ଅଭିଯୋଗ କରିବାକୁ ଯାଇଥିଲେ । ସେମାନଙ୍କ ନିକଟରୁ ଅଭିଯୋଗପତ୍ର ରଖାଯାଇ ନ ଥିଲା । ସେମାନଙ୍କୁ ଯେଉଁମାନେ ବୟସ ବୃଦ୍ଧି କରି ଭତ୍ତା ନେଇଛନ୍ତି ତାହାର ତାଲିକା ପ୍ରସ୍ତୁତ କରି ଦେବାକୁ କୁହାଯାଇଥିଲା । ଏବେ ଏହି ତାଲିକା ପାଇବା ପରେ ଯଦି ଏହା ସତ୍ୟ ହୋଇଥାଏ, ତେବେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କହିଥିଲେ । ଏହି ଘଟଣା ପରେ ୮ ତାରିଖରେ ଆଳି ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ଭତ୍ତା ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଯୋଗ୍ୟ ବ୍ୟକ୍ତିଙ୍କୁ ତୁରନ୍ତ ଭତ୍ତା ଦେବାକୁ ଦାବି ହୋଇଥିଲା । ପଞ୍ଚାୟତରେ କେତେଜଣ ବୟସ୍କ ବ୍ୟକ୍ତିଙ୍କ ପ୍ରତିକ୍ରିୟାରୁ ଜଣାପଡ଼ିଛି, ସେମାନେ ଦୀର୍ଘଦିନ ହେବ ଭତ୍ତା ପାଇଁ ଅପେକ୍ଷା କରିଛନ୍ତି । ହେଲେ ସେମାନଙ୍କୁ ବାଦ୍ ଦିଆଯାଇ ଯୁବକଙ୍କୁ ଭତ୍ତା ଦିଆଯାଇଛି । ଏ ନେଇ ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଭତ୍ତା ଆବେଦନ ପ୍ରକ୍ରିୟା ଅନ୍‌ଲାଇନ ମାଧ୍ୟମରେ ହେଉଛି । ଅନ୍‌ଲାଇନ ମାଧ୍ୟମରେ ଜଣେ ହିତାଧିକାରୀ ସମସ୍ତ କାଗଜପତ୍ର ଦାଖଲ କରିବା ପରେ ତାହା ଜିଲା ପ୍ରଶାସନ ପକ୍ଷରୁ ମଞ୍ଜୁର ହେଉଛି । ଏଠାରେ ପ୍ରଶ୍ନ ଉଠୁଛି, ଏହି ଅଯୋଗ୍ୟମାନଙ୍କୁ ଭତ୍ତା କରାଇଦେବା ପଛରେ କାହାର ହାତ ରହିଛି । ସାଧାରଣତଃ ଭତ୍ତା ଆବେଦନ କରିବାକୁ ହେଲେ ଭୋଟର ତାଲିକାରେ ଠିକ୍ ବୟସ, ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ, ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ, ଆଧାର ଭଳି ଅନେକ କାଗଜପତ୍ର ଦାଖଲ କରିବାକୁ ପଡିଥାଏ । ଏହି ହିତାଧିକାରୀଙ୍କ ବୟସ ୨୦୨୨ ଓ ୨୦୨୩ରେ ଯାହାଥିଲା, ତାହା ୨୦୨୪ରେ ୧୦ରୁ ୨୦ବର୍ଷ ବୃଦ୍ଧି କରାଯାଇ ଭତ୍ତା ଦିଆଯାଇଛି । ଭୋଟର ତାଲିକା ସଂଶୋଧନ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ତଦନ୍ତ ଘେରକୁ ଆଣିବା ସହ ହିତାଧିକାରୀମାନେ ଦାଖଲ କରିଥିବା ୨ ବିଦ୍ୟାଳୟ ସାର୍ଟିଫିକେଟ ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କୁ ତଦନ୍ତ ପରିସରକୁ ଆଣିଲେ ଦୁର୍ନୀତିର ପର୍ଦ୍ଦାଫାଶ ହୋଇପାରନ୍ତା । ଅପରପକ୍ଷରେ ଏହି ଘଟଣାରେ ପଞ୍ଚାୟତର କେତେଜେଣ ଦଲାଲ ହାତଗୁଞ୍ଜା ନେଇ ଏହି ଭତ୍ତା କରାଇଥିବା ମଧ୍ୟ ସାମ୍ନାକୁ ଆସୁଛି । ତେବେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଏହି ଘଟଣାର ତଦନ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ତାହା କରାଯାଉନାହିଁ ।

ଗ୍ରାମବାସୀ ଶରତ ଧଳ(୬୩) କହିଛନ୍ତି, ୬୦ ବର୍ଷ ଚାଲିବା ଦିନଠୁ ଭତ୍ତା ଆବେଦନ କରି ଚାଲିଛି, ହେଲେ ସୁଫଳ ମିଳୁନାହିଁ । ବୁଦ୍ଧିମତି ବେହେରା(୬୫) କହିଛନ୍ତି, ପଞ୍ଚାୟତର ଯେଉଁମାନେ ହାତଗୁଞ୍ଜା ଦେଉଛନ୍ତି, ସେମାନଙ୍କ ଭତ୍ତା ହୋଇଯାଇଛି । ବୟସ୍କମାନଙ୍କୁ ଭତ୍ତା ଦେବାର ବ୍ୟବସ୍ଥା ଥିବାବେଳେ ଏବେ ଯୁବକମାନଙ୍କୁ ଭତ୍ତା କିପରି ଦିଆଗଲା ତାହାକୁ ନେଇ ସେ ପ୍ରଶ୍ନ କରିଛନ୍ତି । ଶ୍ରୀଧର ପ୍ରସାଦ ଦାସ(୭୭) ଦୀର୍ଘ ୧୭ ବର୍ଷ ହେବ ଭତ୍ତା ପାଇଁ ଆବେଦନ କରି ଆସୁଥିବା ବେଳେ ଏପର୍ଯ୍ୟନ୍ତ ତାଙ୍କର ଭତ୍ତା ହେଉନି । କ'ଣ ପାଇଁ ଭତ୍ତା ହେଉନି ତାହାକୁ ନେଇ ସେ ସନ୍ଦେହ ଘେରରେ ରହିଛନ୍ତି । ବାରମ୍ବାର ଭତ୍ତା ଆବେଦନ କରି ସେ ନିରାଶ ହୋଇ ପଡ଼ିଲେଣି । ନିରଞ୍ଜନ ବାରିକ କହିଛନ୍ତି, ସରକାରୀ ଯୋଜନା ବାଟବଣା ହେଉଛି । ଭତ୍ତା କ୍ଷେତ୍ରରେ ଦଲାଲ ମାତିଛନ୍ତି । ଦଲାଲକୁ ଯିଏ ହାତଗୁଞ୍ଜା ଦେଲା ତାହାର ଭତ୍ତା ହୋଇପାରିଲା । କିନ୍ତୁ ସରକାରୀ ବାବୁମାନେ ଏଥିପ୍ରତିଆଖି ବୁଜି ବସିଛନ୍ତି ।

## ସଂକ୍ଷେପରେ

### ମା’ ତାରାତାରିଣୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ପୁରୁଷୋତ୍ତମପୁର,୧୧।୯ (ସୀମାଞ୍ଚଳ ମିଶ୍ର): ଗଞ୍ଜାମ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା ତାରାତାରିଣୀଙ୍କ ପୀଠରେ ଏକ ଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣ ପୁରୋହିତ ସମିତି ଓ ତାରାତାରିଣୀ ସେବାୟତ ମହାସଂଘ ପକ୍ଷରୁ ଏହି ମହାଯଜ୍ଞ ହୋଇଛି । ମା’ଙ୍କୁ ପ୍ରଥମେ ୧ ଲକ୍ଷ ୮ ବେଲପତ୍ର ଚଢାଯିବା ପରେ ଘୃତଯଜ୍ଞ ଓ ଅନ୍ନଯଜ୍ଞ ହୋଇଥିଲା । ଏଥିରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଯୋଗଦେଇ ମା’ଙ୍କୁ ବେଲପତ୍ର ଚଢାଇ ଜିଲାବାସୀଙ୍କ ମଙ୍ଗଳ କାମନା କରିଥିଲେ । ମହାଯଜ୍ଞ କାର୍ଯ୍ୟକ୍ରମକୁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ସହଯୋଗ କରାଯାଇଥିଲା । ଜିଲା ପୁରୋହିତ ସମିତିର ସଭାପତି ପଣ୍ଡିତ ନିଳମାଧବ ତ୍ରିପାଠୀ, ସେବାୟତ ବାପୁଜୀ ରଣା, ତପନ ରଣାଙ୍କ ସମେତ ବହୁ ପଣ୍ଡିତ ବ୍ରାହ୍ମଣ ଓ ସେବାୟତମାନେ ସାମିଲ ହୋଇଥିଲେ ।

### ଉପ ଜିଲାପାଳଙ୍କ ତହସିଲ କାର୍ଯ୍ୟାଳୟ ପରିଦର୍ଶନ

ଧରାକୋଟ,୧୧।୯ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଭଞ୍ଜନଗର ଉପ ଜିଲାପାଳ ଅନିଲ କୁମାର ସେଠୀ ବୁଧବାର ଧରାକୋଟ ତହସିଲ କାର୍ଯ୍ୟାଳୟ ପରିଦର୍ଶନ କରି ରାଜସ୍ୱ ସଂକ୍ରାନ୍ତୀୟ ବିଭିନ୍ନ ପ୍ରକାର କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବେଳେ ଅତିରିକ୍ତ ଜିଲାପାଳ ରାମଚନ୍ଦ୍ର ମହାପାତ୍ର, ତହସିଲଦାର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ତହସିଲଦାର ଗଣେଶ ଦଳାଇ, ବିଭାଗୀୟ ଅଧିକାରୀ କାଳନ୍ଦୀ ପାତ୍ର, ରାଜସ୍ୱ ପରିଦର୍ଶକ ସୁଜ୍ଞାନୀ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଉପ ଜିଲାପାଳ ତହସିଲର ବିଭିନ୍ନ ଦୈନନ୍ଦିନ କାର୍ଯ୍ୟାବଳୀର ସମୀକ୍ଷା କରିବା ଅବସରରେ ମ୍ୟୁଟେଶନ କେସ, କିସମ ପରିବର୍ତ୍ତନ, ପଟ୍ଟା ବିଭକ୍ତୀକରଣ, ଜମିଜମା ଚିହ୍ନଟ ପ୍ରକ୍ରିୟା କେସ ସମ୍ପର୍କରେ ପଚାରି ବୁଝିବା ସହ ପ୍ରାକୃତିକ ବିପର୍ଯ୍ୟୟ କେସଗୁଡ଼ିକ ତୁରନ୍ତ ଫଇସଲା ପାଇଁ ତହସିଲଦାରଙ୍କୁ ପରାମର୍ଶ ଦେଇଥିଲେ।

### ୨୫ ପଞ୍ଚାୟତରେ ପାଞ୍ଚ ଦିନ ଗଡିବ ସୁଭଦ୍ରା ରଥ

ଦାରିଙ୍ଗବାଡି, ୧୧।୯ (ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକରେ ଗୁରୁବାରଠାରୁ ପ୍ରତି ପଞ୍ଚାୟତକୁ ସୁଭଦ୍ରା ରଥ ଗଡିବ ସେନେଇ ପ୍ରୟାସ କରାଯାଉଥିବା ବିଡିଓ ଗଦାଧର ପାତ୍ର କହିଛନ୍ତି। ପ୍ରଥମ ଦିନ ସୁଭଦ୍ରା ରଥ ବ୍ଲକର ଦୁର୍ଗମ ପଞ୍ଚାୟତ ଗୁମିକିଆ, ବୁଢ଼ାଗୁଡା, ତିଲୋରୀ, କିରିକୁଟି, ସିମନବାଡି ଅଞ୍ଚଳରେ ଲୋକଙ୍କୁ ସଚେତନ କରିବା ସହ ଶୁକ୍ରବାର ଶ୍ରୀନିକେତା, ଦାରିଙ୍ଗବାଡି,ବାଡାବାଙ୍ଗା, ସିଆଙ୍ଗବାଲି ଓ ଭ୍ରମରବାଡି, ଶନିବାର ଗ୍ରୀନବାଡି,ପର୍ଡ଼ମାହା, ପ୍ଲିହେରି, ଦାନେକବାଡି, ସିକାବର୍ଗ, ରବିବାର ଦାସିଙ୍ଗବାଡି, ସୋନପୁର, ତାଜୁଙ୍ଗିଆ,ସରାମୁଳି ଏବଂ ଗଦାପୁରରେ ସଚେତନ କରିବ ସେହିପରି ସୋମବାର ବ୍ରାହ୍ମଣୀଗାଁ, ଝିଞ୍ଜିରୀଗୁଡା, କୁମ୍ଭାରୀଗାଁ, କାଟିଙ୍ଗିଆ ଏବଂ ହାତୀମୁଣ୍ଡା ପଞ୍ଚାୟତ ଅଞ୍ଚଳରେ ଲୋକଙ୍କୁ ସଚେତନ କରିବ ବୋଲି ବିଡିଓ କହିଛନ୍ତି।

### ଶେରଗଡ଼ରେ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ

ଶେରଗଡ,୧୧।୯(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ଼ ବ୍ଲକ ସଭା ଗୃହରେ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଯାଇଛି। ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକର ୧୯୨ ଅଙ୍ଗନୱାଡି କେନ୍ଦ୍ର ଅଧୀନରେ ଥିବା ଶିଶୁ, ଗର୍ଭବତୀଙ୍କ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହ ପୋଷଣ ଖାଦ୍ୟ ପ୍ରଦାନ କରିବା ନେଇ ଗୁରୁତ୍ୱାରୋପ ଦେବାକୁ କୁହାଯାଇଥିଲା। ଦୁର୍ବଳ ଥିବା ଶିଶୁମାନଙ୍କୁ ଚିହ୍ନଟ କରି ପୋଷଣ ଖାଦ୍ୟ ପ୍ରଦାନ କରିବାକୁ କର୍ମୀମାନଙ୍କୁ କୁହାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବିଡିଓ ଶିବାଶିଷ ବରାଳ, ତହସିଲଦାର ତ୍ରିଦେବ ରଥ, ସିଡିପିଓ ଗୀତାଞ୍ଜଳି ରାଉଳ, ଶେରଗଡ଼ ପଞ୍ଚାୟତ ସମିତିସଭ୍ୟା ସବିତାରାଣୀ ଚୌଧୁରୀ ପ୍ରମୁଖ ଯୋଗଦେଇ ପୋଷଣ ଯୁକ୍ତ ଖାଦ୍ୟ ପ୍ରଦାନ କରିଥିଲେ।

# ମାଛମରା-ଗୋଷାଣି ରାସ୍ତା ମରଣଯନ୍ତା

ପାରଳାଖେମୁଣ୍ଡି,୧୧।୯(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୋଷାଣି ବ୍ଲକ ମାଛମରା ଗ୍ରାମଠାରୁ ଗୋଷାଣି ପର୍ଯ୍ୟନ୍ତ ରାସ୍ତା ଅତି ଶୋଚନୀୟ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ପୂର୍ତ୍ତ ବିଭାଗ ଦାୟୀ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଉପରେ ବ୍ଲକର ପ୍ରାୟ ୧୫ଟି ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ସେହିପରି ଗୁରାଣ୍ଡି ଟାଟିପେଟି, ଭୁସକୁଡି ଆଦି ଗ୍ରାମର ଲୋକମାନେ ମଧ୍ୟ ଏହି ରାସ୍ତା ଉପରେ ନିର୍ଭର କରନ୍ତି।



ଗ୍ରାମବାସୀଙ୍କ ଅଭିଯୋଗ ହେଲା ମାଛମରା ଗ୍ରାମଠାରୁ ଗୋଷାଣି ପର୍ଯ୍ୟନ୍ତ ପ୍ରାୟ ୯ କିଲୋମିଟର ରାସ୍ତା ଅବସ୍ଥା ଦୀର୍ଘ ଦିନ ହେଲା ଖରାପ ହୋଇ ପଡ଼ିଛି। ଏହାର ପୁନଃ ନିର୍ମାଣ ପାଇଁ ଗ୍ରାମବାସୀ ବାରମ୍ବାର ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ସ୍ଥାନୀୟ ରାଜନେତାମାନଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁନଥିବାରୁ ଏହି ରାସ୍ତା ଖାଲ ଖମାଲରେ ପରିଣତ ହୋଇଛି। ବର୍ତ୍ତମାନ ବର୍ଷା ଯୋଗୁ ଏହା ଆହୁରି ଅଧିକ ଶୋଚନୀୟ ହୋଇ ପଡ଼ିଥିବାରୁ ପ୍ରତ୍ୟେକ ଦିନ ଛୋଟ ବଡ ଦୁର୍ଘଟଣା ଘଟୁଛି। ବର୍ଷା ଋତୁ ଆଗରୁ ଏହି ରାସ୍ତା ନିର୍ମାଣ କରାଯିବ ବୋଲି ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ରାସ୍ତା ମରାମତି ହେଲା ନାହିଁ। ଫଳରେ ଉକ୍ତ ରାସ୍ତାରେ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ଯଦି ପ୍ରଶାସନ ପକ୍ଷରୁ ତୁରନ୍ତ ରାସ୍ତା ନିର୍ମାଣ କରା ନ ଯାଏ ତା’ହାହେଲେ ଗ୍ରାମବାସୀ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି କହିଛନ୍ତି।

## ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି
# କାମ ଦେବାରେ ବିଫଳ, ପ୍ରକଳ୍ପ ଅଧାପନ୍ତରିଆ

ଛତ୍ରପୁର,୧୧।୯(ସନ୍ତୋଷ ପାଢୀ/ଦିଲୀପ ସାମଲ):

ଛତ୍ରପୁର ବ୍ଲକସ୍ତରୀୟ ଏମଜିଏନଆରଇଜିଏସର ଜନଶୁଣାଣି ବୁଧବାର ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ଉପଜିଲାପାଳ ଦେବଦତ୍ତ ମହନ୍ତ, ବିଡିଓ ସୁଶାନ୍ତ ବରାଳ, ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାସ ଉପସ୍ଥିତ ଥିଲେ। ୨୦୨୩ ଅକ୍ଟୋବର ୧ରୁ ୨୦୨୪ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ହୋଇଥିବା ଏମଜିଏନଆରଇଜିଏସ କାର୍ଯ୍ୟର ଜନଶୁଣାଣି କରାଯାଇଥିଲା । ତେବେ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ନ ଦିଆଯାଇ ୨୦୨୩-୨୪ ଆର୍ଥିକ ବର୍ଷର ତଥ୍ୟ ଉପସ୍ଥାପନ କରାଯାଇଥିଲା । ଜିଲାରେ ଛତ୍ରପୁର ବ୍ଲକ ଏମଜିଏନଆରଇଜିଏସରେ ଶେଷରେ ଅଛି । ମିଳିଥିବା ସୂଚନା ଅନୁସାରେ, ୨୦୨୩-୨୪ରେ ଏହି



ଉପଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଯୋଜନାରେ ୫ ଲକ୍ଷ ୧୫ ହଜାର ୧୫୯ ଶ୍ରମଦିବସ ସୃଷ୍ଟି ହୋଇଛି। ବର୍ଷକରେ ମାତ୍ର ୬୪୬ ପରିବାରଙ୍କୁ ଶହେ ଦିନର କାମ ଯୋଗାଇ ଦିଆଯାଇଛି। ଉକ୍ତ ବର୍ଷରେ ଏହି ଯୋଜନାରେ ୮୮୯ ପ୍ରକଳ୍ପ କାମ ହାତକୁ ନିଆଯାଇଥିଲା। ସେଥିରୁ ୪୦୨ ପ୍ରକଳ୍ପ କାମ ଚାଲୁଥିବାବେଳେ ୪୮୭ ପ୍ରକଳ୍ପ କାମ ସରିଛି। ୧୮,୩୦୦ ପରିବାରଙ୍କୁ ଜବ କାର୍ଡ ଦିଆଯାଇଥିବାବେଳେ ୧୫ ହଜାର ୩୦୯ ଜବକାର୍ଡ ଆକ୍ଟିଭ୍ ଅଛି । ବଡମାଧପୁର ପଞ୍ଚାୟତରେ ଗୋଟିଏ ପରିବାରକୁ ଶହେ ଦିନର କାମ ମିଳିଥିବା ବେଳେ ବଉଳଗାଁ ଓ କାଳିପଲୀ ପଞ୍ଚାୟତର ୨ଟି ଲେଖାଏ, ମହାନାଦପୁର ଓ ନରେନ୍ଦ୍ରପୁର ପଞ୍ଚାୟତର ୫ଟି ଲେଖାଏ, ପୋଟଲାମପୁରର ୮ ଟି ଓ କଣମଣାର ୧୩ ପରିବାରକୁ ଶହେ ଦିନର କାମ ମିଳିଛି । ଜନଶୁଣାଣିରେ ଜିଲାପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ସୁଭଦ୍ରା ସଚେତନତା ରଥ ଗଡ଼ିଲା

ଦିଗପହଣ୍ଡି,୧୧।୯ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକର ବିଭିନ୍ନ ପଞ୍ଚାୟତରେ ମଙ୍ଗଳବାର ସୁଭଦ୍ରା ରଥ ଗଡିଛି। ସୁଭଦ୍ରା ରଥ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା ଯମୁନା ନାୟକ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ଏହି ରଥ ପଦ୍ମନାଭପୁର, କଇଁଠଡା, ଗୋକର୍ଣ୍ଣପୁର, କୁଶପଡା ଆଦି ପଞ୍ଚାୟତ ବୁଲି ମହିଳାମାନଙ୍କୁ ସୁଭଦ୍ରା ଯୋଜନା ବିଷୟରେ ସଚେତନତା କରାଇଥିଲେ। ଏହି ଯୋଜନାର ପଞ୍ଜୀକରଣ ନିମନ୍ତେ କୌଣସି ସମୟ ସୀମା ରହିନଥିବା ବେଳେ ହିତାଧିକାରୀମାନେ ବ୍ୟସ୍ତ ନ ହୋଇ ଆବେଦନ କରିପାରିବେ ବୋଲି କୁହାଯାଇଥିଲା। ସିଡିପିଓ ପୁଷ୍ପାଞ୍ଜଳି ଶତପଥୀ, ଜିପିଡିଓ ଉମେଶ ସେଠୀ, ଯୋଗାଣ ନିରୀକ୍ଷକ ବ୍ରଜେଶ୍ୱର ରାୟ, ବିଏସ୍‌ଏସ୍ ଓ ରଶ୍ମୀ ପ୍ରକାଶିନୀ ଜାନୀ, ବମକୋଇ ସରପଞ୍ଚ ତପନ ପ୍ରଧାନ, ସରପଞ୍ଚ ପ୍ରତିନିଧି ରବିଚନ୍ଦ୍ର ଗୌଡ, ସମିତିସଭ୍ୟ ପ୍ରତିନିଧି ବିଶ୍ୱନାଥ ପ୍ରଧାନ ଉପସ୍ଥିତ ଥିଲେ।

# ଉପଜିଲାପାଳଙ୍କ ଜନସେବା କେନ୍ଦ୍ର ପରିଦର୍ଶନ



ଉପଜିଲାପାଳ ଆଲୋଚନା କରୁଛନ୍ତି।

ପାରଳାଖେମୁଣ୍ଡି/ନୂଆଗଡ଼,୧୧।୯ (ଗିରିଧରୀ ପରିଚ୍ଛା/ ଯୋଗ୍ୟବନ୍ତ ପରିଚ୍ଛା)

ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ସଫଳ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ଗଜପତି ଜିଲାପାଳ ବିଜୟ କୁମାର ଦାଶଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ଉପଜିଲାପାଳ ଅନୁପ ପଣ୍ଡା ନୂଆଗଡ ବ୍ଲକର ଏନ.ଝାଲାରସିଂ, କିରାମା ଓ ଅନୁଗୁର ସମେତ ଅନ୍ୟ ଜନ ସେବା କେନ୍ଦ୍ର ଏବଂ ମୋ ସେବା କେନ୍ଦ୍ରକୁ ପରିଦର୍ଶନ କରିଥିଲେ। ସୁଭଦ୍ରା ଯୋଜନାର ଆବେଦନ ଫର୍ମର ସ୍ଥିତି ଅନୁଧ୍ୟାନ କରିବା ଏବଂ ଜନସାଧାରଣଙ୍କୁ ସାମଗ୍ରିକ ସେବା ପ୍ରଦାନ କରିବା ପାଇଁ ସମସ୍ତ ଜନସେବା କେନ୍ଦ୍ରର ପରିଚାଳକମାନଙ୍କୁ ଅନୁରୋଧ କରିଥିଲେ। ଗସ୍ତ ସମୟରେ ଉପଜିଲାପାଳ ବ୍ୟକ୍ତିଗତ ଭାବେ କେନ୍ଦ୍ରଗୁଡ଼ିକରେ ଉପସ୍ଥିତ ହିତାଧିକାରୀଙ୍କ ସହ ଆଲୋଚନା କରି ଆବେଦନ ପ୍ରକ୍ରିୟା ଏବଂ ପ୍ରଦାନ କରାଯାଉଥିବା ସେବା ସମ୍ପର୍କରେ ପ୍ରତ୍ୟକ୍ଷ ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ହିତାଧିକାରୀମାନେ ଯେମିତି ଠିକ ଭାବେ ସୁଭଦ୍ରା ପୋର୍ଟାଲରେ ପଞ୍ଜୀକରଣ କରିବେ ସେଥିପ୍ରତି ଧ୍ୟାନ ଦେବାକୁ କେନ୍ଦ୍ରର କର୍ମଚାରୀମାନଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଯଦି କୌଣସି ଜନ ସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ର କାର୍ଯ୍ୟରେ ଅବହେଳା କିମ୍ବା ଅନିୟମିତତା କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

## ଏଟିଏମ୍‌ରେ ଜଳିଲା ଲାଇଟ

ପୋଲସରା,୧୧।୯(ସୁବ୍ରତ ବେହେରା)

ପୋଲସରା ସହର ମୁଖ୍ୟ ସଡ଼କ ମିଲସାହି ଛକ ନିକଟରେ ରହିଥିବା ଆକ୍ସିସ୍ ଏଟିଏମ୍‌ରେ ଦୀର୍ଘ ଦିନ ଧରି ଅନ୍ଧାରରେ ମୋବାଇଲ ଟର୍ଚ୍ଚ ଲାଇଟରେ ଚାଲିଥିଲା ଟ୍ରାଞ୍ଜାକ୍ସନ। ହେଲେ ଉକ୍ତ ଘଟଣା ନେଇ ଧରିତ୍ରୀରେ ଖବର ପ୍ରକାଶିତ ପରେ ପୋଲସରା ଶାଖା ବ୍ୟାଙ୍କ ମ୍ୟାନେଜର ଲାଇଟ ଲଗେଇଥିବା ଦେଖିବାକୁ ମିଳିଛି।

## ଟାଏକୋଣ୍ଡୋରେ ଚମକିଲେ ଉପାନ୍ତର ପ୍ରତିଯୋଗୀ

ପାତ୍ରପୁର,୧୧।୯ (ଉମା ଚରଣ ନେପାକ)

ଆଗ୍ରାରେ ହୋଇଥିବା ସର୍ବଭାରତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଓଡ଼ିଶା ପାଇଁ ପାତ୍ରପୁର ବ୍ଲକରୁ ୩ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ବିଦ୍ୟୁସ୍ମିତା ତରସିଆ ଓ କାସ୍ପା ତ୍ରିଲୋଚନ ରେଡ୍ଡୀ ରୌପ୍ୟ ପଦକ ହାସଲ କରିଥିବା ବେଳେ ସାଇ ସମ୍ପତ୍ତି ପ୍ରଧାନ କଂସ୍ୟ ପଦକ ହାସଲ କରିଛନ୍ତି । ୩ ପ୍ରତିଯୋଗୀ ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ଏଲ ଏନ ଟାଇକୋଣ୍ଡୋ ଏକାଡେମୀରେ ଶିକ୍ଷା ଗ୍ରହଣ କରିଥିଲେ । ଉପାନ୍ତର ପ୍ରତିଯୋଗୀମାନେ ଜାତୀୟସ୍ତରରେ ସଫଳତା ହାସଲ କରିଥିବାରୁ ସେମାନଙ୍କୁ ଓ ପ୍ରଶିକ୍ଷକ ଲକ୍ଷ୍ମୀ ନାରାୟଣ ରେଡ୍ଡୀଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ମା’ ରାମାୟଣାମ୍ମା ମନ୍ଦିର କମିଟି ବୈଠକ

ଛତ୍ରପୁର,୧୧।୯(ସନ୍ତୋଷ ପାଢୀ/ଦିଲୀପ ସାମଲ):

ଛତ୍ରପୁରର ଆରାଧ୍ୟା ଦେବୀ ମା’ ରାମାୟଣାମ୍ମା ମନ୍ଦିର କମିଟିର ଏକ ବୈଠକ ସଭାପତି ଭି.ତ୍ରିନାଥ ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମନ୍ଦିରରେ ଦେବୀ ଦୁର୍ଗାଙ୍କ ନବରାତ୍ର ପୂଜା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ୨୦୨୪ ମା’ ରାମାୟଣାମ୍ମାଙ୍କ ଯାତ୍ରାର ରିପୋର୍ଟ ମ୍ୟାନେଜର ସିଏଚ.ଦୟାନନ୍ଦ ରେଡ୍ଡୀ, ଆସିଷ୍ଟାଣ୍ଟ ମ୍ୟାନେଜର ଏମ.ସମରେନ୍ଦ୍ର ସେନାପତି, କୋଷାଧ୍ୟକ୍ଷ ପି.ରାଜୁ ଓ ତାଙ୍କ ଟିମ୍ ଉପସ୍ଥାପନ କରିଥିଲେ। ଯାତ୍ରା ସମାପନ ପରେ ବଳକା ହୋଇଥିବା ୨ ଲକ୍ଷ ୩୧ ହଜାର ଟଙ୍କାକୁ ମନ୍ଦିର କମିଟି ସଭାପତିଙ୍କୁ ହସ୍ତାନ୍ତର କରାଯାଇଥିଲା । ଏହା ମନ୍ଦିରର ଉନ୍ନତିରେ ଖର୍ଚ୍ଚ କରାଯିବ ବୋଲି ସୂଚନା ଦିଆଯାଇଛି । ସେହିପରି ନୀଳକଣ୍ଠେଶ୍ୱର ମନ୍ଦିରର ଉନ୍ନତି ପାଇଁ ଯାତ୍ରା କମିଟି ପକ୍ଷରୁ ୧୧ ହଜାର ୧ ଟଙ୍କା ମନ୍ଦିର କମିଟିର ସଭାପତି ତଥା କାଉନସିଲର ଭି.ରମେଶଙ୍କୁ ହସ୍ତାନ୍ତର କରାଯାଇଥିଲା । ଯାତ୍ରାର ସଫଳ ରୂପାୟନ ଲାଗି ମନ୍ଦିର କମିଟି ପକ୍ଷରୁ ଯାତ୍ରା କମିଟିର କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏନ.ପ୍ରଭାକର ରାଓ, ଏସ.ଦାଲେୟା ରେଡ୍ଡୀ, ସିଏଚ. ପୂର୍ଣ୍ଣ କୁମାର, କେ.ଚନ୍ଦ୍ରଶେଖର ରେଡ୍ଡୀ, କୁନି ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ମନ୍ଦିର କମିଟିର ସମ୍ପାଦକ ବି.ଶ୍ରୀନିବାସ ଧନ୍ୟବାଦ ଦେଇଥିଲେ।

## ବିଦେଶରେ ଚାକିରି ପାଇଁ ସାକ୍ଷାତକାର, ୮ ଏଜେଣ୍ଟ ଅଟକ

ଖଲ୍ଲିକୋଟ,୧୧।୯(ପ୍ରଶାନ୍ତ କୁମାର ମିଶ୍ର)-ଖଲ୍ଲିକୋଟରେ କୌଣସି କାମଧନ୍ଦାର ସୁଯୋଗ ନ ଥିବାରୁ ରୋଜଗାର ଆଶାରେ ଯୁବକମାନେ ବିଦେଶକୁ ଯାଉଛନ୍ତି। ବିଦେଶୀ କମ୍ପାନୀର ଏଜେଣ୍ଟ ସାଜି ବେକାର ଯୁବକମାନଙ୍କୁ ନିଯୁକ୍ତିର ଲୋଭ ଦେଖାଇ ଲକ୍ଷ ଲକ୍ଷ ଟଙ୍କା ନେଇ ଦାଦନ ଖଟିବାକୁ ବିଦେଶ ପଠାଉଛନ୍ତି। ଏହି ଏଜେଣ୍ଟ ମାନଙ୍କ ଉପରେ ପ୍ରଶାସନର କୌଣସି କଟକଣା ଲାଗି ପାରୁନାହିଁ। ବୁଧବାରେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ଗୁରାପଲ୍ଲୀ ନିକଟସ୍ଥ ଏକ ଘରୋଇ ମଣ୍ଡପଠାରେ ବିଦେଶରେ କାମ କରିବା ପାଇଁ ସାକ୍ଷାତକାର ଚାଲିଥିଲା। ଛତ୍ରପୁର ଏସଡିପିଓ ଗୌରହରି ସାହୁଙ୍କ ନେତୃତ୍ୱରେ ଖଲ୍ଲିକୋଟ ଥାନାଧିକାରୀ ନରେଶ କୁମାର ସାହୁ, ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ପୋଲିସ ପହଞ୍ଚି ବିଭିନ୍ନ କାଗଜ ପତ୍ର ଯାଞ୍ଚ କରିଥିଲେ। କିନ୍ତୁ ବେଆଇନ ଭାବେ ଏହି ଇଣ୍ଟରଭ୍ୟୁ ଚାଲିଥିବା ଜାଣିବା ପରେ ସେଠାରେ ଥିବା ୮ ଜଣ ଏଜେଣ୍ଟଙ୍କୁ ଉଠାଇ ଆଣିଥିବା ଜଣାପଡ଼ିଛି। ମୁମ୍ବାଇର ଦୁଇ ଜଣ ଏଜେଣ୍ଟ, ବାଣପୁରର ଦୁଇ ଜଣ ଏଜେଣ୍ଟ ଓ ଖଲ୍ଲିକୋଟ ଅଞ୍ଚଳର କେତେଜଣ ଏଜେଣ୍ଟଙ୍କୁ ଖଲ୍ଲିକୋଟ ଥାନାରେ ଅଟକ ରଖି ପୋଲିସ ଅଧିକ ପଚରାଉଚରା ଚଳାଇଛି।

## ଦୁର୍ଗାପୂଜା ଶୁଭଖୁଣ୍ଟି ସ୍ଥାପନ

ରାଇକିଆ,୧୧।୯ (ପ୍ରଦୀପ ବେହେରା)

ରାଇକିଆ ଦୁର୍ଗାପୂଜା କମିଟି ଚଳିତ ବର୍ଷ ପାଳନ କରୁଛି ୫୦ ବର୍ଷ ପୂର୍ତ୍ତି। ଏହାକୁ ଦୃଷ୍ଟିରେ ରଖି ଦଶହରା ପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦୁର୍ଗା ମଣ୍ଡପ ସାମ୍ନାରେ ପୂଜାର୍ଚ୍ଚନା କରାଯାଇ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଥିଲା। ସଭାପତି ସତ୍ୟବାନ ପାତ୍ର, କୋଷାଧ୍ୟକ୍ଷ ସୁରେନ୍ଦ୍ର ପଣ୍ଡା, ସମ୍ପାଦକ କୃଷ୍ଣ ମହାନ୍ତି, ଉପସଭାପତି ବିଜୟ ପଣ୍ଡା, ରାମକୃଷ୍ଣ ପାତ୍ର, ଅଭିମନ୍ୟୁ ପଣ୍ଡା, ପ୍ରକାଶ ପଣ୍ଡାଙ୍କ ସମେତ କମିଟିର ସମସ୍ତ ଉପଦେଷ୍ଟା, ସଙ୍ଗଠନ ସମ୍ପାଦକ ଓ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ।

# ଓଡ଼ିଆ, ରସାୟନ ବିଜ୍ଞାନ ବିଭାଗର ସ୍ୱାଗତ ସଭା

ଭଞ୍ଜନଗର,୧୧।୯(ବାବୁଲା ପ୍ରଧାନ):

ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ଏବଂ ରସାୟନ ବିଜ୍ଞାନ ବିଭାଗର ସ୍ୱାଗତ ସଭା ଅନୁଷ୍ଠିତ ହୋଇଯାଇଛି। ବୁଧବାର ରସାୟନ ବିଜ୍ଞାନ ବିଭାଗର ସଭାରେ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ ଅଧ୍ୟକ୍ଷତା କରି ବକ୍ତବ୍ୟ ରଖିଥିଲେ। ପ୍ରଶାସନିକ ଅଧିକାରୀ ବିଭାସ ଦାସ,ମୁଖ୍ୟ ଅଧ୍ୟାପିକା ସ୍ମରଣିକା ପାଢ଼ୀ, ଶୈକ୍ଷିକ ପରିଷଦ ସଂପାଦକ ହର ପ୍ରସାଦ ତ୍ରିପାଠୀ, ଫିଲିପ କୁମାର ମଲ୍ଲିକ, ଅମିୟ ରଞ୍ଜନ ପଣ୍ଡା, ରାଜେଶ ପଣ୍ଡିତ, ଲକ୍ଷ୍ମୀପ୍ରିୟା ବନରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ଓଡ଼ିଆ ବିଭାଗ ସଭାରେ ଅଧ୍ୟକ୍ଷ ଦାସ ସଭାପତିତ୍ୱ କରି ଓଡ଼ିଆ ଭାଷା ସାହିତ୍ୟର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ରାଜ ଲକ୍ଷ୍ମୀ ରଥ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା କଳ୍ପନା ଷଣ୍ଢ, ଅଧ୍ୟାପିକା ତଥା ବରିଷ୍ଠ ଲେଖିକା ରୋଜାଲିନ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଦିଗନ୍ତ କୁମାର ଜେନା ସଭା ସଂଯୋଜନା କରିଥିବା ବେଳେ ଛାତ୍ର ଚିନ୍ମୟ ପ୍ରସାଦ ପରିଡ଼ା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅଧ୍ୟାପିକା ଦିପାଶ୍ରୀ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ଉଭୟ ବିଭାଗର ଛାତ୍ରୀ ଛାତ୍ର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଓଡ଼ିଆ ବିଭାଗ ସଭାରେ ଅଧ୍ୟକ୍ଷ ଉଦ୍‌ବୋଧନ ଦେଉଛନ୍ତି।

# ଏନ୍‌ସିସି ନାଭାଲ କ୍ୟାଡେଟଙ୍କୁ ସମ୍ବର୍ଦ୍ଧନା

ଭଞ୍ଜନଗର,୧୧।୯(ବାବୁଲା ପ୍ରଧାନ):

ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନ୍‌ସିସି ନାଭାଲ କ୍ୟାଡେଟ ବର୍ଷାରାଣୀ ଜେନାଙ୍କୁ ବୁଧବାର କଲେଜ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ବର୍ଷା ଗତ ଜୁଲାଇ ୧୮ ତାରିଖରେ ମହାରାଷ୍ଟ୍ରର ଲୋନାଭାଲା ଠାରେ ହୋଇଥିବା ସର୍ବଭାରତୀୟ ନୌସେନା କ୍ୟାମ୍ପରେ ଯୋଗଦେଇ ତାଲିମ ନେଇଥିଲେ। ସେ ନିଜର ଦକ୍ଷତା ପ୍ରଦର୍ଶନ କରି ଉଚ୍ଚ ପଦାଧିକାରୀଙ୍କ ଠାରୁ ପ୍ରଶଂସିତ ହୋଇଥିଲେ। ମହାରାଷ୍ଟ୍ରରୁ ଫେରିବା ପରେ ବର୍ଷାଙ୍କୁ ତାଙ୍କ ସହପାଠୀମାନେ ବାଣ ଫୁଟାଇ ସ୍ୱାଗତ କରିବା ସହ ଶୋଭାଯାତ୍ରାରେ କଲେଜ ବୁଲାଇଥିଲେ। ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ, ପ୍ରଶାସନିକ ଅଧିକାରୀ ବିଭାସ ଦାସ, ନାଭାଲ ଅଫିସର ରବିନ୍ଦ୍ର ମିଶ୍ର, ଆର୍ମି ଅଫିସର୍ ରଜନୀ କାନ୍ତ ତ୍ରିପାଠୀ, ଅଧ୍ୟାପକ ସୁନିଲ ଦାସ, ମୁଖ୍ୟ କିରାଣୀ ଦାମୋଦର ରଥ ପ୍ରମୁଖ ବର୍ଷାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।




ବର୍ଷାରାଣୀ ଜେନାଙ୍କୁ ସ୍ୱାଗତ କରାଯାଉଛି।

# କୋର୍ଟ ନିର୍ମାଣ ସ୍ଥଳ ପରିଦର୍ଶନ କଲେ ଜିଲା ଦୌରାଜଜ୍

ଧରାକୋଟ,୧୧।୯ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ସରକାରୀ ଘୋଷଣା ପ୍ରକାରେ ଧରାକୋଟରେ ଶୀଘ୍ର ଜେଏମ୍‌ଏଫସି କୋର୍ଟ ଖୋଲିବ। ଗଞ୍ଜାମ ଜିଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀ, ରେଜିଷ୍ଟ୍ରାର ପଦ୍ମଲୋଚନ ବଡ଼ଜେନା, କୋର୍ଟ ମ୍ୟାନେଜର ମୋନାଲିସା ମହାପାତ୍ର ସ୍ଥାୟୀ ଭାବରେ ନିର୍ମାଣ ହେବାକୁ ଥିବା ଏହି କୋର୍ଟ ସ୍ଥାନକୁ ପରିଦର୍ଶନ କରିଛନ୍ତି। ଧରାକୋଟ ବଜାର ନିକଟରେ ଥିବା ଏକ୍ସ ବୋର୍ଡ ପ୍ରାଥମିକ ବିଦ୍ୟାଳୟରେ କୋର୍ଟ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବାରୁ ଏହାର ଆନୁଷଙ୍ଗିକ ସ୍ଥିତି ପରଖିବା ସହ ଆବଶ୍ୟକ ନିର୍ମାଣ କାର୍ଯ୍ୟ ପାଇଁ ଆଲୋଚନା କରିଥିଲେ। ଏହା ପରେ ଧରାକୋଟ ମୌଜାର ଖାତା ନମ୍ବର ୬୮୧ ଓ ୬୮୨ର ୯ଟି ପ୍ଲଟ ନମ୍ବରର ତିନି ଏକର ଦୂରତା ସେଣ୍ଟ ଜାଗାରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା କୋର୍ଟ ସ୍ଥାନ ପରିଦର୍ଶନ କରିଥିଲେ। ଏହା ପରେ ବିଚାରପତିଙ୍କ କ୍ୱାର୍ଟର୍ସ ଗୃହ ପରିଦର୍ଶନ କରି ଶୀଘ୍ର ଜମିଜମା ସମ୍ପର୍କିତ ରେକର୍ଡ ପ୍ରସ୍ତୁତ କରି ପଠାଇବା ପାଇଁ ତହସିଲଦାରଙ୍କୁ ପରାମର୍ଶ ଦେଇଥିଲେ। ଜଜ୍‌ଙ୍କ ପରିଦର୍ଶନ ବେଳେ ତହସିଲଦାର ଲମ୍ବୋଦର ମାରାଣ୍ଡି, ଏବିଡିଓ ସୁଶୀଲ ପଟ୍ଟନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ପ୍ରଦୀପ ନାୟକ, ରାଜସ୍ୱ ନିରୀକ୍ଷକ ଯଜ୍ଞ ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

# ମଶାଣି ଜମି ଚିହ୍ନଟ, ଶବଦାହ ଗୃହ ନିର୍ମାଣ ପାଇଁ ଦାବିପତ୍ର

ବାଲିଗୁଡା,୧୧।୯(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଉପଖଣ୍ଡର ସଦର ବାଲିଗୁଡ଼ା ଏନ୍‌ଏସି ଅନ୍ତର୍ଗତ ସର୍ବ ପୁରାତନ ଜନବହୁଳ ଅଞ୍ଚଳ ୫, ୬, ୭ ନମ୍ବର ୱାର୍ଡରେ ମଶାଣି ଜମି ଚିହ୍ନଟ ଓ ଶବଦାହ ଗୃହ ନିର୍ମାଣ ପାଇଁ ଦୀର୍ଘ ବର୍ଷରୁ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ମଶାଣି ଜମି ଚିହ୍ନଟ ଓ ଶବଦାହ ଗୃହ ପାଚେରି ନିର୍ମାଣ ଓ ଆଲୋକ ପାଣି ବ୍ୟବସ୍ଥା ପାଇଁ କନ୍ଧମାଳ ଜିଲା ନାଗରିକ ଫୋରମ୍ ପକ୍ଷରୁ ବାଲିଗୁଡ଼ା ବ୍ଲକ କୋଅର୍ଡିନେଟର ପ୍ରମୋଦ କୁମାର ଦଣ୍ଡସେନାଙ୍କ ନେତୃତ୍ୱରେ ସ୍ଥାନୀୟ ଉପଜିଲାପାଳ ଡ.ରୀନା ପ୍ରଧାନ ଓ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିବେକାନନ୍ଦ ଦଳାଇଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଉପ ଜିଲାପାଳ ଡ.ରୀନା ପ୍ରଧାନଙ୍କ ଫୁଲବାଣୀ ଗସ୍ତ କାର୍ଯ୍ୟକ୍ରମ ଥିବାରୁ ଆସିଷ୍ଟାଣ୍ଟ କଲେକ୍ଟର ରୂପକ କୁଜୁରଙ୍କୁ ଦାବିପତ୍ର ଦିଆଯାଇଛି। ସୂଚନାଯୋଗ୍ୟ, କିଛି ବର୍ଷ ହେବ ଜମି ମାଫିଆଙ୍କର ଲୋଲୁପ ଦୃଷ୍ଟି ଯୋଗୁ ଧୀରେ ଧୀରେ ମଶାଣି ଭାବେ ବ୍ୟବହାର କରୁଥିବା



ଜମି ସଙ୍କୁଚିତ ହେବାକୁ ବସିଲାଣି। ତିନି ୱାର୍ଡ ବାସିନ୍ଦା ମଶାଣି ଭାବେ ବ୍ୟବହାର କରୁଥିବା ଜମି ଚିହ୍ନଟ ପ୍ରକ୍ରିୟା ପ୍ରଶାସନ ପକ୍ଷରୁ ଅହେତୁକ ବିଳମ୍ବ ଯୋଗୁ ମାଫିଆମାନେ ସରକାରୀ ଜମିଗୁଡିକ ବିକ୍ରି କରି ମାଲାମାଲ ହେଉଥିବା ନଜିର ରହିଛି। ମଶାଣିରେ ଶବ ଗୃହ ଆଲୋକ, ପାଣି ବ୍ୟବସ୍ଥା ନଥିବାରୁ ତିନି ପ୍ରମୁଖ ୱାର୍ଡବାସୀ ଦୁର୍ଦ୍ଦଶା ଭୋଗୁଛନ୍ତି। ବର୍ଷା ଦିନେ ମଶାଣିରେ ଶବରେ ଲାଗିଥିବା ଜୁଇ ମଧ୍ୟ ଲିଭି ଯାଇଥିବା ଅଭିଯୋଗ ହେଉଛି। ପାଞ୍ଚ ବର୍ଷ ତଳେ ବିଏସଏଫ୍ ଯବାନ ଶହୀଦ ଦିନେଶ ପାତ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ ବେଳେ ତତ୍କାଳୀନ ଉପ ଜିଲାପାଳ ଏବଂ ବାଲିଗୁଡା ବିଧାୟକ ଚକ୍ରମଣି କହଁର ଯୋଗଦେଇ ମଶାଣି ଜମି ଚିହ୍ନଟ, ଶବ ଗୃହ ଓ ସବୁ ସମସ୍ୟା ଦୂର କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବିଧାୟକ ଅଦ୍ୟାବଧି ତାଙ୍କ ପ୍ରତିଶ୍ରୁତି ପୂରଣ କରିନାହାନ୍ତି। ତିନି ୱାର୍ଡବାସୀ ବାରମ୍ବାର ପୂର୍ବ ସରକାରଙ୍କ ପ୍ରଶାସନ, ବିଧାୟକଙ୍କୁ ଅବଗତ କରିଥିଲେ ସୁଦ୍ଧା ଫଳ ଶୂନ। ବର୍ତ୍ତମାନର ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଜିଲା ନାଗରିକ ଫୋରମ୍ ଓ ଗ୍ରାମବାସୀ ପ୍ରମୁଖ ଦାବି କରିଛନ୍ତି।

# ଜଙ୍ଗଲ ଜମିରୁ ଜବରଦଖଲ ହଟୁନି

**କେନ୍ଦ୍ରାପଡ଼ା, ୧୧।୯(ଜଗନ୍ନାଥ ଧଳ)**

- ମହାକାଳପଡ଼ାରେ ଫର୍ମ-କେ ସମସ୍ୟା ତୁଟୁନି
- ଅନିଶ୍ଚିତତାରେ ୧୭ ଗ୍ରାମର ଅଧିବାସୀ
- ବସୁନ୍ଧରା ଯୋଜନାରେ ଦୁର୍ନୀତିର ଛିଟା

ଜଙ୍ଗଲ ଜମିରେ ଥିବା ଆବାସସ୍ଥଳ ଓ ଜବରଦଖଲ ଜମି କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଓ ରାଜନେତାଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ଦୀର୍ଘଦିନ ଧରି ବସବାସ କରୁଥିବା ଦର୍ଶାଇ ଜବରଦଖଲ ଜମିକୁ ନିଜ ସ୍ୱତ୍ୱକୁ ଆଣିବାକୁ ସ୍ଥାନୀୟ ଅଞ୍ଚଳରେ ପ୍ରୟାସ ଜାରି ରହିଛି। ଅଗଷ୍ଟ ୩୧ରେ ରାଜସ୍ୱ ମନ୍ତ୍ରୀ, ମହାକାଳପଡ଼ା ବିଧାୟକ ଓ ଜିଲାପାଳଙ୍କୁ ନେଇ ଏକ ବୈଠକ ହୋଇଥିଲା। ଏହି ସମସ୍ୟାର ସମାଧାନ ପାଇଁ ପ୍ରୟାସ ଜାରି ରହିଥିବା ସତ୍ତ୍ୱେ ଜଙ୍ଗଲ ଜମିରୁ ଜବରଦଖଲ ସମସ୍ୟା ହଟିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫର୍ମ -କେ ମାଧ୍ୟମରେ ଜରିମାନା ଦେଇ ୩ ଦଶନ୍ଧି ପୂର୍ବରୁ ଜଙ୍ଗଲ ଜମିରେ ରହୁଥିବା ସ୍ଥାନୀୟ ଅଧିବାସୀ ଦର୍ଶାଉଛନ୍ତି। ଏହି ସମସ୍ୟା ମହାକାଳପଡ଼ା, ରାଜନଗର, ରାଜକନିକା ଆଦି ବ୍ଲକ ଅଞ୍ଚଳରେ ବେଶି ଦେଖାଦେଇଛି। ଅପରପକ୍ଷରେ ବସୁନ୍ଧରା ଯୋଜନାରେ ଜିଲା ପ୍ରଶାସନ ପକ୍ଷରୁ ୨୦୨୩ ଜୁଲାଇ ଶେଷ ସୁଦ୍ଧା ଜିଲାର ମୋଟ ୪୫୫.୧୧୦ ଏକର ପତିତ ଜମିର ପଟ୍ଟା ୫୬୮୭ ଜଣଙ୍କୁ ପ୍ରଦାନ କରାଯାଇଛି। ଏହି ଯୋଜନାରେ ଜିଲାର ରାଜକନିକା ଓ ମହାକାଳପଡ଼ା ତହସିଲ ଅଞ୍ଚଳରେ ସର୍ବାଧିକ ହିତାଧିକାରୀ ଅଛନ୍ତି। ୨ ତହସିଲରେ ଥିବା କେତେଜଣ ହିତାଧିକାରୀ ଭୂମି, ବ୍ୟାଙ୍କ ବାଲାନ୍ସ ଥିଲେ ମଧ୍ୟ ଭୂମିହୀନ ଦର୍ଶାଇ ପଟ୍ଟା ନେଇଥିବା ଅଭିଯୋଗ ହୋଇଛି।

ଏ ସମ୍ପର୍କରେ ସୂଚନା ଅଧିକାର ଆଇନ କର୍ମୀ ଅମିତାଭ ଚାନ୍ଦ କହିଛନ୍ତି, ବସୁନ୍ଧରା ଯୋଜନା ହେଉ ଅଥବା ଜଙ୍ଗଲ ଜମି ସମସ୍ୟାରେ ଦୁର୍ନୀତି ରହିବାର ବହୁ ପ୍ରମାଣ ମିଳିଛି। ଏହି ଯୋଜନାରେ ଭୂମିହୀନଙ୍କୁ ଆବାସ ଗୃହ ପାଇଁ ଜମି ପ୍ରଦାନ କରାଯାଏ। ଏହାର ସୁଯୋଗ ନେଇ କେତେଜଣ ଧନୀ ଓ ରାଜନେତାଙ୍କ ପାଖ ଲୋକ ଜମି ହଡ଼ପ କରିଛନ୍ତି। ରାଜକନିକା ତହସିଲ ଅଞ୍ଚଳରେ ଜଣେ ରାଜନେତାଙ୍କ ପାଖଲୋକ ଓ ତାଙ୍କ ଭାଇ ବସୁନ୍ଧରା ଯୋଜନାରେ ଜମି ପଟ୍ଟା ନେଇଥିବା ଜିଲା ପ୍ରଶାସନ ନିକଟରେ ଗତ ଶୁକ୍ରବାର ଅଭିଯୋଗ ହୋଇଛି। ସେହିପରି ମହାକାଳପଡ଼ାରେ ତହସିଲ କର୍ମଚାରୀଙ୍କ ସହାୟତାରେ ଜାତି ପ୍ରମାଣପତ୍ର ଜାଲିଆତି କରି ଜମି ଅଧିଗ୍ରହଣ କରିଥିବା ମାମଲା କୋର୍ଟ ଓ ଆର୍‌ଡିସିଙ୍କ ଦପ୍ତରରେ ଚାଲିଛି। ଏହାବ୍ୟତୀତ ଜଙ୍ଗଲ ଜମିକୁ ଡିଟିପିରେ ହୋଇଥିବା କୁଜଙ୍ଗ ରାଜାଙ୍କ ହାତପଟ୍ଟାରେ ହଡ଼ପ କରାଯାଇଛି। ଏହି ମାମଲା ଦୀର୍ଘ ୫ ବର୍ଷ ଧରି ଚାଲିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଜଙ୍ଗଲ ଜମିରୁ ଜବରଦଖଲ ହଟାଇବା ପ୍ରଶାସନ ପାଇଁ ଆଗାମୀ ଦିନରେ କଷ୍ଟକର ହେବ ବୋଲି ସେ କେତେକ ପ୍ରମାଣ ସହ ସୂଚନା ଦେଇଛନ୍ତି। ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି, ମହାକାଳପଡ଼ା ତହସିଲ ଅଧୀନ ଜଙ୍ଗଲ ଜମି କିସମ ଅଞ୍ଚଳର ୧୭ ଗ୍ରାମରେ ବସବାସ କରୁଥିବା ବଙ୍ଗଭାଷୀଙ୍କ ପାଇଁ ୨୦୧୭ ସେପ୍ଟେମ୍ବର ୨୨ରେ ଭୁବନେଶ୍ୱରଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ୧୯୭୨ରୁ ୧୯୮୦ ମସିହା ମଧ୍ୟରେ ଉକ୍ତ ୧୭ ଗ୍ରାମର ମୋଟ ୪,୯୦୭ ପରିବାର ୬୦୫୬.୫୯ ଏକର ଜମି ଜବରଦଖଲ କରି ଆସୁଛନ୍ତି ବୋଲି ଆଲୋଚନା ହୋଇଥିଲା। ମହାକାଳପଡ଼ା ତହସିଲ ଅଞ୍ଚଳରେ ଜିଲା ପ୍ରଶାସନ ମାତ୍ର ୨୯.୫ ଏକର ଜମି ଲିଜ ଆକାରରେ ଦେଇପାରିବ। ଅବଶିଷ୍ଟ ଜମି ଜଙ୍ଗଲ କିସମ ହୋଇଥିବାରୁ କିସମ ପରିବର୍ତ୍ତନ ପାଇଁ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅନୁମତି ଲୋଡ଼ାଯିବ ବୋଲି ସ୍ଥିର ହୋଇଥିଲା। ଇତିମଧ୍ୟରେ ମାତ୍ର ୩୦୦ ପରିବାର ସମ୍ପର୍କରେ ଜିଲା ପ୍ରଶାସନ ତଦନ୍ତ କରିଥିବାବେଳେ ଅବଶିଷ୍ଟ ଚିହ୍ନଟ ୪,୬୦୭ ପରିବାର ଜବରଦଖଲ କରି ରହୁଛନ୍ତି। ୨୦୧୮ ଅକ୍ଟୋବର ୧୬ରେ ତତ୍‌କାଳୀନ ଉପଜିଲାପାଳଙ୍କ ଚିଠି ନଂ. ୬୫୪୫ ଅନୁଯାୟୀ ଫର୍ମ-କେ ମାଧ୍ୟମରେ ଜଙ୍ଗଲ ଜମିରେ ବସବାସ କରୁଥିବା ପରିବାରଠାରୁ ରାଜସ୍ୱ କର ଆଦାୟ କରିବା ପରେ ପୁଣି ଏହାକୁ ବନ୍ଦ କରି ଦିଆଯାଇଛି। ଫର୍ମ-କେ ଏବେ ଜବରଦଖଲକାରୀଙ୍କ ପାଇଁ ଜିଲାରେ ସ୍ଥାୟୀ ବାସିନ୍ଦା ବୋଲି ସିଧାରାସ୍ତା ବାହାର କରିଥିଲା। ଫଳରେ ଦିନକୁଦିନ ତହସିଲ କର୍ମଚାରୀଙ୍କ ସଲାସୁତରାରେ ଫର୍ମ-କେରେ ୧୯୮୦ ମସିହା ପୂର୍ବର ବୋଲି ରାଜସ୍ୱ ଦେଇ ଜଙ୍ଗଲ ଜମିକୁ ଅକ୍ତିଆର କରିଥିଲେ। ସେହିପରି ବସୁନ୍ଧରା ଯୋଜନାରେ କେତେଜଣ ଜଙ୍ଗଲ ଜମି ହାତେଇ ଥିବା ଲକ୍ଷ୍ୟ କରାଯାଉଛି। ଏ ସମ୍ପର୍କରେ ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରେ ଜଙ୍ଗଲ ଜମି ଜବରଦଖଲକୁ ନେଇ ଜିଲା ପ୍ରଶାସନ ତତ୍ପର ଅଛି। ବସୁନ୍ଧରା ଯୋଜନାରେ ଦୁର୍ନୀତି ସମ୍ପର୍କରେ ନଜରକୁ ଆସିଲେ ତଦନ୍ତ ହେବ ବୋଲି ସେ କହିଛନ୍ତି।

## କଲୋନୀରେ ଶ୍ରମିକଙ୍କ ମୃତ୍ୟୁ

**କଳିଙ୍ଗନଗର, ୧୧।୯(ଶୁଭାଶିଷ ରାଉତ):**

କଳିଙ୍ଗନଗର ଶିଳ୍ପାଞ୍ଚଳର ଜିଣ୍ଡାଲ ଷ୍ଟିଲରେ କାମ କରୁଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପଶ୍ଚିମବଙ୍ଗ ମାଲଦାର ସେକ ସାଲହୁଙ୍କ ପୁଅ ସେକ୍ ମୁନ୍ନା (୨୪)। ଯଖପୁରା ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଶ୍ରମିକ ଜଣକ ନିଜ କାମ ସାରି ଶ୍ରମିକ କଲୋନୀରେ ଖାଇବା ପରେ ହଠାତ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତଦନ୍ତ ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏନେଇ ଥାନାରେ ନଂ.୫/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ୨ ବଖରା ଜଳିଗଲା

**ରସୁଲପୁର, ୧୧।୯(ରଞ୍ଜିତ ରାଉତ):**

ରସୁଲପୁର ତହସିଲ ଅଧୀନ ଓଡ଼ିଶୋ ପଞ୍ଚାୟତ ବାହାବଲପୁର ଗ୍ରାମର ବେହେରା ସାହିରେ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ନିତ୍ୟାନନ୍ଦ ବେହେରାଙ୍କ ୨ବଖରା ଘର ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଘରେ ନିଆଁ ଲାଗିଥିବା ଜାଣି ପରିବାର ଲୋକେ ରସୁଲପୁର ଦମକଳକେନ୍ଦ୍ରର ସହାୟତା ନେଇଥିଲେ। ଦମକଳ ବାହିନୀ ଭାରପ୍ରାପ୍ତ ଅଧିକାରୀ ରାମଚନ୍ଦ୍ର ବେହେରା, ହାବିଲଦାର ଦୀପକ ନାୟକ, କର୍ମଚାରୀ ସୁରେଶ ସେଠୀ, ଗୌତମ ଚରଣ ସାହୁ, ଅନିଲ ଦାସ ଓ ଧୀରେନ୍ଦ୍ର ବେହେରା ପ୍ରମୁଖ ନିଆଁକୁ ଆୟତ କରିଥିଲେ। ସେହିପରି ଘର ପାଖରେ ଥିବା ଗୋଟିଏ ଗୁହାଳ ଓ ରୋଷେଇ ଘର ମଧ୍ୟ ପୋଡ଼ିଯାଇଛି। ଅଗ୍ନିବିପନ୍ନଙ୍କୁ ସରକାରୀ ସହାୟତା ଦେବାକୁ ଦାବି ହୋଇଛି।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅରବିନ୍ଦ



@ ଜୀବନ



@ କାର୍ନିମେଶ



@ ଲକ୍ଷ୍ମୀପ୍ରିୟା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏସ୍‌ଏଚ୍‌ଜି ମହିଳାଙ୍କ ବ୍ଲକ ସମ୍ମୁଖରେ ଧାରଣା

## ହଡ଼ପ କରିଥିବା ଟଙ୍କା ଶୁଝୁନାହାନ୍ତି ସଭାନେତ୍ରୀ

**ରଘୁନାଥପୁର, ୧୧।୯ (ରାଜେନ୍ଦ୍ର ନାରାୟଣ ସିଂହ)**



ବ୍ଲକ୍ ସମ୍ମୁଖରେ ଏସ୍‌ଏଚ୍‌ଜି ମହିଳାମାନେ ଧାରଣା ଦେଇଛନ୍ତି ।

ଜ୍ୟୋତି ମହାସଂଘର ସଭାନେତ୍ରୀ ଚଞ୍ଚକତା କରି ଟଙ୍କା ହଡ଼ପ କରିନେବା ଏବଂ ସମାଧାନ ମୁତାବକ ସମସ୍ତ ଟଙ୍କା ବ୍ୟାଙ୍କରେ ପୈଠ କରୁ ନ ଥିବା ନେଇ ଏସ୍‌ଏଚଜି ମହିଳା ବ୍ଲକ ସମ୍ମୁଖରେ ବୁଧବାର ଧାରଣା ଦେଇଛନ୍ତି। ରଘୁନାଥପୁର ବ୍ଲକ ବରାଗୋଳ ପଞ୍ଚାୟତ ବଡ଼ତିହଡ଼ା ଗ୍ରାମ ମହାବୀର ଏସ୍‌ଏଚଜି ଗ୍ରୁପରୁ ଅଢେଇ ଲକ୍ଷ ଟଙ୍କା ହଡ଼ପ କରିବା ନେଇ ଗ୍ରୁପ ସଦସ୍ୟଙ୍କ ପକ୍ଷରୁ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ ହୋଇଥିଲା। ଆଇଆଇସିଙ୍କ ଉପସ୍ଥିତରେ ଏହା ସମାଧାନ ହେବାପରେ ମହାସଂଘର ସଭାନେତ୍ରୀ ବିଷ୍ଣୁପ୍ରିୟା ଆଚାର୍ଯ୍ୟ ନିଷ୍ପତ୍ତି ମୁତାବକ ୩ଟି ପର୍ଯ୍ୟାୟରେ ୧ ଲକ୍ଷ ୩୫ ହଜାର ଟଙ୍କା ପୈଠ କରିବା ପାଇଁ ହାତକାଟି ଲେଖି ଦେଇଥିଲେ। ତେବେ ୮ ଦିନ ମଧ୍ୟରେ ବାକିଥିବା ଟଙ୍କା ବ୍ୟାଙ୍କରେ ଜମା ନ କରିଲେ ଗ୍ରୁପର ସମସ୍ତ ମହିଳାଙ୍କ ସିଭିଲ ସ୍କୋର ଖରାପ ହୋଇଯିବ ବୋଲି ମ୍ୟାନେଜର କହିଥିଲେ। ତୁରନ୍ତ ବକେୟା ଟଙ୍କା ପୈଠ ଦାବିରେ ସମ୍ପୃକ୍ତ ଗ୍ରୁପର ସଦସ୍ୟ ମମତା ସାହୁ, ରେଣୁବାଳ ସେଠୀ, କମଳା ଭୋଇ, ସବିତା ଭୋଇ, ରଜନୀ ଭୋଇ, ସବିତା ଭୋଇଙ୍କ ସହ ଅନ୍ୟ ସଦସ୍ୟମାନେ ବ୍ଲକ ସମ୍ମୁଖରେ ଧାରଣାରେ ବସିଥିଲେ। ସେହିପରି ଉକ୍ତ ଗ୍ରାମର ଜୀବନଜ୍ୟୋତି ଗ୍ରୁପରୁ ୨ ଲକ୍ଷ ୯୦ ହଜାର ଟଙ୍କା ହଡ଼ପ କରିନେବା ନେଇ ଶାନ୍ତିଲତା ସ୍ୱାଇଁ, ସ୍ନିଗ୍ଧାରାଣୀ ବାରିକ, କଳ୍ପନା ଦାସ, ରୁନା ଭୋଇ ପ୍ରମୁଖ ଉକ୍ତ ଗ୍ରୁପ ମହିଳାଙ୍କ ସହ ଧାରଣା ଦେଇଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ କୌଣସି ଅଧିକାରୀ ଧାରଣା ସ୍ଥଳକୁ ଆସିନାହାନ୍ତି। ଅନ୍ୟପକ୍ଷେ ୨ଟି କିସ୍ତିରେ ସଭାନେତ୍ରୀ ଆଚାର୍ଯ୍ୟ ୧ ଲକ୍ଷ ଟଙ୍କା ବ୍ୟାଙ୍କରେ ପରିଶୋଧ କରିଥିବା ଏବଂ ବାକି ଥିବା ଟଙ୍କା ଧାର୍ଯ୍ୟ ସମୟ ମଧ୍ୟରେ ପରିଶୋଧ କରିବେ ବୋଲି କହିଛନ୍ତି। ତେବେ ଜୀବନ ଜ୍ୟୋତି ଗ୍ରୁପ ଟଙ୍କା ହଡ଼ପ ସମ୍ପର୍କରେ ସେ କିଛି ଜାଣିନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ଦୀର୍ଘଦିନ ଧରି ଏହି ସମସ୍ୟା ଲାଗି ରହିଥିବାବେଳେ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟତା ଲୋକଲୋଚନକୁ ଆସିବ ବୋଲି ମତ ପ୍ରକାଶ ପାଇଛି।

# ନାବାଳିକା ବଳାତ୍କାରୀଙ୍କୁ ୨୦ବର୍ଷ ଜେଲ

**ଯାଜପୁର ଟାଉନ, ୧୧।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**



ଅଭିଯୁକ୍ତଙ୍କୁ ଜେଲ ହାଜତକୁ ନିଆଯାଉଛି ।

ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ବୁଧବାର ରାୟପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ଶରତ କୁମାର ଦେହୁରି ମାମଲାର ବିଚାର କରି ଦୋଷୀଙ୍କୁ ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରୁଛନ୍ତି। ଏଥିସହିତ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟରେ ଅଧିକ ୨ବର୍ଷ ଜେଲ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତା ନାବାଳିକାଙ୍କୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାପାଇଁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବୀବରଣୀ ଅନୁଯାୟୀ, କଳିଙ୍ଗନଗର ଥାନା ଅନ୍ତର୍ଗତ ଫୁଲଝର ଗ୍ରାମରେ ମୟୂରଭଞ୍ଜ ଜିଲାର ଜଣେ ନାବାଳିକା ତାଙ୍କ ଦାଦାଙ୍କ ଘରେ ରହିଆସୁଥିଲେ। ୨୦୧୯ରେ ରଜ ଦିନ ସେହି ଗ୍ରାମର କେତେଜଣ ଲୋକ ରଜଦୋଳି ଖେଳିବା ପାଇଁ ଅନ୍ୟ ଏକ ଗ୍ରାମକୁ ଯିବା ସମୟରେ ନାବାଳିକା ତାଙ୍କ ପଛେପଛେ ଯାଇଥିଲେ। ସେଠାରେ ବୁଲାବୁଲି କରୁଥିବା ସମୟରେ ଅଭିଯୁକ୍ତ ଜିତେନ ଜାମୁଦା ଓ ଅନ୍ୟ ଜଣେ ନାବାଳକ ସମ୍ପୃକ୍ତ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଅପହରଣ କରିନେଇଥିଲେ। ନାବାଳିକା ଘରକୁ ନ ଫେରିବାରୁ ତାଙ୍କ ଦାଦା ଏବଂ ଘର ଲୋକ ବହୁ ଖୋଜାଖୋଜି କରିବା ପରେ ଡୁବୁରୀ ଛକରୁ ତାଙ୍କୁ ଉଦ୍ଧାର କରିଥିଲେ। ନାବାଳିକା ଜଣକ ଜିତେନ ଓ ଅନ୍ୟ ଜଣେ ନାବାଳକ ତାଙ୍କୁ ଅପହରଣ କରି ନେଇ ଏକ ରେଲ୍‌ୱେ କ୍ୟାମ୍ପରେ ରଖି ବଳାତ୍କାର କରିଥିଲେ ବୋଲି ପରିବାର ଲୋକଙ୍କ ନିକଟରେ କହିଥିଲେ। ଏନେଇ ନାବାଳିକାଙ୍କ ଦାଦା କଳିଙ୍ଗନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୧୧୦/୧୯ରେ ଏକ ମାମଲା ରୁଜୁ କରିବା ସହ ୨ ଜଣଙ୍କୁ କାବୁ କରିଥିଲା। ସେମାନଙ୍କ ମଧ୍ୟରୁ ଜଣେ ନାବାଳକ ହୋଇଥିବାରୁ ତାଙ୍କ ବିଚାର ଜୁଭେନାଇଲ୍ କୋର୍ଟରେ ହୋଇଥିଲା। ବୁଧବାର ୧୧ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ବିଚାରପତି ଜିତେନଙ୍କ ମାମଲାର ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ପାର୍ଥସାରଥି ରାୟ ମାମଲା ପରିଚାଳନା କରୁଥିଲେ।

# ପାରାଦୀପ ଶୁଖୁଆ, ସ୍ୱାଦଠାରୁ ବିପଦ ବେଶି



ଏକ ଦୋକାନରେ ଶୁଖୁଆ ବିକ୍ରି ପାଇଁ ରଖାଯାଇଛି ।





ଟ୍ରଲର୍ ଉପରେ ମତ୍ସ୍ୟଜୀବୀମାନେ ଶୁଖୁଆକୁ ଶୁଖାଉଛନ୍ତି ।

**ପାରାଦୀପ, ୧୧।୯(ଶରତ ରାଉତ)**

**ବର୍ଷାଦିନେ ବ୍ୟାପକ କେମିକାଲ ଅପମିଶ୍ରଣ**

ଓଡ଼ିଆ ତଥା ଉତ୍ତର ଭାରତୀୟ ଲୋକଙ୍କ ଅନ୍ୟତମ ପ୍ରିୟ ଖାଦ୍ୟ ହେଲା ଶୁଖୁଆ। ଶୁଖୁଆକୁ ପୂର୍ବରୁ ପ୍ରାକୃତିକ ପରିବେଶ ମଧ୍ୟରେ ତିଆରି କରାଯାଉଥିଲା। ଏବେ ସେହି ଶୁଖୁଆକୁ ଭିନ୍ନ ଉପାୟରେ କରାଯାଉଛି। ଯଥା ସେଥିରେ ବିପୁଳ ମାତ୍ରାରେ ଫର୍ମାଲିନ୍ ନାମକ କେମିକାଲ ମିଶାଯାଉଛି। ଏହାକୁ ରୋକିବା ପାଇଁ ସରକାରୀ ଭାବେ ପ୍ରଚାର ପ୍ରସାର ଚଢ଼ାଉ ଆଦି ହେଉଛି। କିନ୍ତୁ ତାହା କେମିକାଲ ବ୍ୟବହାର ଉପରେ କୌଣସି ପ୍ରଭାବ ପଡୁନାହିଁ। ବିଶେଷକରି ପାରାଦୀପରେ ପ୍ରସ୍ତୁତ ଶୁଖୁଆରେ ବିପୁଳ ପରିମାଣର କେମିକାଲ ମିଶାଯାଉଛି। ଏପରି କେମିକାଲ ମିଶାଇବା ପ୍ରମୁଖ କାରଣ ହେଲା ମାଛକୁ ଶୀଘ୍ର ଶୁଖାଇ ଦେବ ଏବଂ କୌଣସି ମାଛ ନଷ୍ଟ ହେବନାହିଁ।

ସୂଚନାଯୋଗ୍ୟ, ସମୁଦ୍ରରେ ଧରାଯାଉଥିବା ମାଛ ମଧ୍ୟରୁ ରପ୍ତାନିଯୋଗ୍ୟ ଏ' ଓ ବି କ୍ଲାସ ମାଛକୁ ବରଫ ଭଣ୍ଡାରରେ ସଂରକ୍ଷଣ କରାଯାଇଥାଏ। ସି ଓ ଡି କ୍ଲାସ ମାଛକୁ ଅଲଗା ରଖାଯାଏ। ତାହା ଖୋଲା ବଜାରରେ ଯେତିକି ବିକ୍ରି ହେଲା ଯିବ, ବଳକା ମାଛକୁ ଶୁଖୁଆ କରାଯାଏ। ନେହେରୁ ବଙ୍ଗଳା ମାଛଧରା ବନ୍ଦରରୁ ଶୁଖୁଆ ପ୍ରସ୍ତୁତ କରୁଥିବା ବ୍ୟବସାୟୀମାନେ ସଂଗ୍ରହ କରି ଅଠରବାଙ୍କି ଶୁଖୁଆଖଳାକୁ ଆଣିଥାନ୍ତି। ସେଠାରେ ବଡ଼ ଲୁଣକୁଣ୍ଡରେ ମାଛକୁ ପକେଇ ଦିନେ କିମ୍ବା ଦୁଇଦିନ ରଖାଯାଏ। ପରେ ତାକୁ ଖରାରେ ଶୁଖାଯାଏ। ଏହି ପ୍ରକ୍ରିୟା ସମୟସାପେକ୍ଷ ଏବଂ ଖରା ଉପରେ ନିର୍ଭର କରିବାକୁ ପଡିଥାଏ। ବର୍ଷା ପାଗ ଯୋଗୁ ଯଦି ଖରା ନ ହୁଏ, ମାଛ ନଷ୍ଟ ହୋଇଯାଏ। ସେଥିପାଇଁ ଏବେ ଶୁଖୁଆରେ ଆମେ ଅଳ୍ପ କେମିକାଲ ମିଶାଉଛୁ ବୋଲି ଜଣେ ବ୍ୟବସାୟୀ କହିଛନ୍ତି। ୨୦୦୯ରୁ ଏପରି ଚାଲିଛି। କେତେକ ବୋଟ୍ କର୍ମଚାରୀ ବୋତଲରେ କେମିକାଲ ନେଇ ସମୁଦ୍ର ଭିତରେ ବୋଟ୍ ଛାତ ଉପରେ ଶୁଖାଉଛନ୍ତି। ମତ୍ସ୍ୟ ବିଭାଗ ପକ୍ଷରୁ ପ୍ରଥମେ ଶୁଖୁଆକୁ ଜବତ କରାଯାଉଥିଲା ଏବଂ ତାକୁ ପୋଡ଼ା ଯାଉଥିଲା। ଏବେ ସେମିତି ହେଉନାହିଁ। ମେରାଇନ୍ ପୋଲିସ କେମିକାଲ ଜବତ କରୁଥିଲେ, ଏବେ ହେଉନାହିଁ। ସବୁ ବୁଝାମଣା ମଧ୍ୟରେ ଚାଲିଛି ବୋଲି ଅଭିଯୋଗ ହୁଏ। ଖାଦ୍ୟ ସୁରକ୍ଷା ନିରାପତ୍ତା ବିଭାଗ ପକ୍ଷରୁ ବେଳେବେଳେ ଚଢ଼ାଉ କରାଯାଉଛି। ଶେଷ ଥର ପାଇଁ ୨୦୨୩ ଡିସେମ୍ବର ୨୩ରେ ଶୁଖୁଆଖଳା ମଧ୍ୟରେ ଚଢ଼ାଉ ହୋଇଥିଲା। କେମିକାଲଯୁକ୍ତ ଶୁଖୁଆ ମାନବ ଶରୀର ପାଇଁ ଅତ୍ୟନ୍ତ ବିପଦ ବୋଲି ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ବସନ୍ତ ରାଉତ କହିଛନ୍ତି। ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରୀତିଶ ଦାସଙ୍କୁ ପଚାରିବାରେ ଆମେ ଯେଉଁ ଶୁଖୁଆ ସାମ୍ପୁଲ ଆକାରରେ ନେଇଥିଲୁ ସେଥିରେ କେମିକାଲ ଓ ଖାଇବା ଉପଯୋଗୀ ନ ଥିଲା। ଆମର ରିପୋର୍ଟ ଉପରିସ୍ଥ ଅଧିକାରୀଙ୍କୁ ଦେଇଛୁ ବୋଲି ସେ କହିଛନ୍ତି।

# ୨୨୯ ଗାଁରେ ବିଦ୍ୟୁତ୍ ଆଲୁଅ ସ୍ୱପ୍ନ

**ନୟାଗଡ଼,୧୧।୯ (ଲୋକନାଥ ମିଶ୍ର)**

- ୧୦୭ ଗାଁରେ ନାହିଁ ସବୁ ଦିନିଆ ରାସ୍ତା
- ରାସ୍ତା ନ ଥିବାରୁ ରୋଗୀଙ୍କ ଜୀବନ ଯାଉଛି
- ଗାଁକୁ ଯାଇପାରୁନି ଆମ୍ବୁଲାନ୍ସ
- ଦୋଳା ଓ ଖଟିଆରେ ବୁହା ହେଉଛନ୍ତି ରୋଗୀ
- ବଦଳୁନି ଅପହଞ୍ଚ ଇଲାକାର ରୂପରେଖ

ଆଜିର ଡିଜିଟାଲ ଯୁଗରେ ନୟାଗଡ଼ ଜିଲାର ୨୨୯ ଗାଁରେ ବିଦ୍ୟୁତ, ୨୪୭ ଗାଁରେ ମୋବାଇଲ ସେବା ଓ ୧୦୭ ଗାଁରେ ରାସ୍ତା ପରି ସର୍ବନିମ୍ନ ସୁବିଧା ନ ଥିବା କଥା କହିଲେ ଅବିଶ୍ୱାସ ଲାଗୁଛି। ରାସ୍ତା ନ ଥିବାରୁ ଗାଁକୁ ଆମ୍ବୁଲାନ୍ସ ଯାଇ ନ ପାରିବା, ଗୁରୁତର ରୋଗୀ ଦୋଳା ଓ ଖଟିଆରେ ବୁହା ହେବା, ସ୍ୱାସ୍ଥ୍ୟସେବା ନ ପାଇ ରୋଗୀ ପ୍ରାଣ ହରାଇବା ପରି ଘଟଣା ଅସନ୍ତୋଷର କାରଣ ହୋଇଛି। ଏଭଳିଆ ସମସ୍ୟା କଳାହାଣ୍ଡି କି କୋରାପୁଟର ନୁହେଁ ରାଜ୍ୟ ରାଜଧାନୀ ଭୁବନେଶ୍ୱରର କାନ୍ଧ କୁହାଯାଉଥିବା ନୟାଗଡ଼ ଜିଲା ଦଶପଲ୍ଲା, ଗଣିଆ, ନୂଆଗାଁ, ରଣପୁର ଓ ଖଣ୍ଡପଡ଼ା ବ୍ଲକର ଜଣାପଡିବା ପରେ ସରକାର ଓ ପ୍ରଶାସନର କାର୍ଯ୍ୟ ସନ୍ଦେହ ଘେରକୁ ଆସିଛି। ଦେଶ ସ୍ୱାଧୀନ ହେବାରୁ ୭୫ ବର୍ଷ ପରେ ବି ଅପହଞ୍ଚ ଇଲାକାର ରାସ୍ତାର ରୂପରେଖ ବଦଳି ପାରୁ ନ ଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇ ଆସୁଛି।

ଅଭିଯୋଗ ଅନୁଯାୟୀ, ଗଣିଆ, ଦଶପଲ୍ଲା, ରଣପୁର ଓ ନୂଆଗାଁ ବ୍ଲକର ଅଧିକାଂଶ ଗାଁକୁ ରାସ୍ତା ନାହିଁ। ରାସ୍ତା ନ ଥିବା ଗାଁଗୁଡିକୁ ଆମ୍ବୁଲାନ୍ସ ଯାଇ ପାରୁ ନାହିଁ। ଏଭଳି ଅଭିଯୋଗ ବହୁ ବର୍ଷ ହେଲା ହୋଇ ଆସୁଥିଲେ ମଧ୍ୟ ଆଦିବାସୀ ଓ ଦଳିତ ଅଧ୍ୟୁଷିତ ଅଞ୍ଚଳ ରାସ୍ତାର ରୂପରେଖ ବଦଳି ପାରୁନି। ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ରାସ୍ତା ନିର୍ମାଣ କରୁଥିଲେ ମଧ୍ୟ ଗାଁକୁ କାହିଁକି ରାସ୍ତା କରାଯାଇ ପାରୁନି ସେନେଇ ପ୍ରଶାସନ ପକ୍ଷରୁ କେବେ କିଛି କୁହାଯାଉନି। ତେବେ ରାସ୍ତା ଯୋଗୁ ବିଭିନ୍ନ ସମୟରେ ରୋଗୀଙ୍କ ଜୀବନ ଚାଲି ଯାଉଥିଲେ ମଧ୍ୟ ପ୍ରତିକାର ନ ଥିବା ଅଭିଯୋଗ ହୋଇ ଆସୁଛି।

ଗତ ମେ ୨୫ ତାରିଖ ରାତିରେ ଗାଁକୁ ଆମ୍ବୁଲାନ୍ସ ଯାଇ ନ ପାରିବାରୁ ଦଶପଲ୍ଲା ବ୍ଲକ କଣାପାଙ୍ଗୁ ଗାଁ ଡହଙ୍ଗିସାହିର ପ୍ରଦୀପ ମଲିକଙ୍କ ସ୍ତ୍ରୀ ସବିତାଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଗଣିଆ ବ୍ଲକର ସଲପଗଣ୍ଡା ଓ ମୂଷିଗୁଡା ଗାଁ ପରି ଦୁଇଟି ଗାଁକୁ ରାସ୍ତା ନ ଥିବାରୁ ଗତ ମେ ୨୪ ତାରିଖରେ ଗାଁ ଦୁଇଟିକୁ ଆମ୍ବୁଲାନ୍ସ ଯାଇ ପାରି ନ ଥିଲା। ପ୍ରସବବେଦନା ବଢ଼ିବାରୁ ସଲପଗଣ୍ଡା ଗାଁର ହରିହର ପ୍ରଧାନଙ୍କ ସ୍ତ୍ରୀ ଜୟନ୍ତୀ ଚାଲି ଚାଲି ଆସିଥିବାବେଳେ ମୂଷିଗୁଡା ଗାଁର ପ୍ରଶାନ୍ତ ଜାନିଙ୍କର ସ୍ତ୍ରୀ ରଶ୍ମିତା ଦୋଳାରେ ଆସିଥିଲେ। ରଶ୍ମିତାଙ୍କ ଦୋଳାରେ ଜଙ୍ଗଲ ଭିତରେ ଶିଶୁ ପୁତ୍ର ଜନ୍ମ ନେଇଥିବାବେଳେ ଜୟନ୍ତୀଙ୍କର ନବଜାତ ଶିଶୁ ପୁତ୍ର ମା ଗର୍ଭରୁ ମରି ଜନ୍ମ ନେଇଥିଲା। ମା' ଚାଲି ଚାଲି ବହୁ ବାଟ ଆସିବାରୁ ଶିଶୁପୁତ୍ର ପ୍ରାଣ ହରାଇଥିବା ଅଭିଯୋଗ ହୋଇଥିଲା।

ଏ ନେଇ ବଡସିଲିଙ୍ଗାର ସୁଦାମା ପ୍ରଧାନ, ମିଥୁନ ଜାନି, ନିର୍ମଳା ପ୍ରଧାନ କୁହନ୍ତି, ସରକାର ଆଦିବାସୀଙ୍କ ଉନ୍ନତି ପାଇଁ ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଗଣିଆ ବ୍ଲକର ବଡବାଙ୍କଝରୀ, ରାଇଖୋଲ, ରୁଗୁଡିସାହି, ଡୁମୁଡୁମା, ଡମାଘାଟି, ସେନେପେରୀ, ଡୁଇସିଙ୍ଗ,ବେଦାଡି, କୁମୁରୀ, ସଲପଗଣ୍ଡା, ମୂଷିଗୁଡା, ବାଙ୍କଝରୀ, ସେନେପେରୀ ଗାଁକୁ ରାସ୍ତା ନ ଥିବା, ବିଦ୍ୟୁତ୍ ଆଲୋକ ସ୍ୱପ୍ନ ହେବା ଓ ଟେଲିଫୋନ ଟାୱାର ନ ଥିବା ଘଟଣା ସରକାରଙ୍କ ବିକାଶର ଡିଣ୍ଡିମରେ ପ୍ରଶ୍ନବାଚୀ ଲଗାଇଛି। ସନ୍ଧ୍ୟା ହେଲେ ଆଦିବାସୀ ପରିବାର କାଠ ଗଣ୍ଡି ଅଥବା ଡିବିରି ଲଗାଇ ଚଳିଆନ୍ତି। ଦଶପଲ୍ଲା, ଖଣ୍ଡପଡା, ନୂଆଗାଁ ଓ ରରପୁର ବ୍ଲକରେ ମଧ୍ୟ କିଛି ଗାଁ ରହିଛି। ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଯାଇ ପାରୁନାହିଁ। ବିଭିନ୍ନ ସମୟରେ ଲୋକ ପ୍ରାଣ ହରାଉଛନ୍ତି। ତେବେ ପ୍ରଶାସନ କି ସରକାର କାହିଁକି ଅପହଞ୍ଚ ଇଲାକା ପ୍ରତି ଦୃଷ୍ଟି ଦେଉ ନାହାନ୍ତି ବୁଝା ପଡୁନି କହି କ୍ଷୋଭ ପ୍ରକାଶ କରିଥିଲେ।

## ୭.୬୨ ଗ୍ରାମ୍ ବ୍ରାଉନସୁଗାର ଜବତ

**ନୟାଗଡ଼/ରଣପୁର,୧୧।୯**
**(ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)**

**ଜେଲ ଗଲେ ବ୍ରାଉନସୁଗାର ବ୍ୟବସାୟୀ**

ରଣପୁର ଥାନାର ରାଜସୁନାଖଳା ଫାଣ୍ଡି ପୋଲିସ ବାଇକ୍ ସହ ୭.୬୨ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ବ୍ୟବସାୟୀ ରଣପୁର ପାଇକସାହିର ଯୋଗେନ୍ଦ୍ର ପ୍ରଧାନ(୪୫)ଙ୍କୁ ଗିରଫ କରିଛି। ଜାମିନ ନାମଞ୍ଜୁର ପରେ ଯୋଗେନ୍ଦ୍ରଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି । ବ୍ରାଉନସୁଗାର ବିକ୍ରି ପାଇଁ ଯୋଗେନ୍ଦ୍ର ରାଜସୁନାଖଳା ଓ ବୋଲଗଡ଼କୁ ଓଡି୦୨ ବିଏଫ ୮୦୧୨ ନଂର ବାଇକ୍‌ରେ ଯାଉଥିବାବେଳେ କୋଟଗଡ଼ ହନୁମାନ ମନ୍ଦିର ନିକଟରେ ରଣପୁର ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ରବିନ ଚର୍ଚ୍ଚିଲ ମିଶ୍ରଙ୍କ ଉପସ୍ଥିତିରେ ପୋଲିସ ବ୍ରାଉନସୁଗାର ଜବତ ସହ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା । ପରେ ବ୍ରାଉନସୁଗାର ଜବତ କରି ଘଟଣାର ତଦନ୍ତ କରିଥିଲାବୋଲି ଫାଣ୍ଡି ଅଧିକାରୀ ପ୍ରୀତିପ୍ରକାଶ ମହାନ୍ତି ସୂଚନା ଦେଇଛନ୍ତି । ଏନେଇ ଶରଣକୁଳ ଏସ୍‌ଡିପିଓ ସୁଧାକର ସାହୁ ରଣପୁର ଥାନାରେ ଖବରଦାତା ସମ୍ମିଳନୀ କରି ତଥ୍ୟ ଦେଇଛନ୍ତି।

## ସ୍କୁଲ ଫାଟକରେ ତାଲା ଝୁଲିଲା



ସ୍କୁଲ ଫାଟକରେ ତାଲା ପକାଇ ଛାତ୍ରୀଛାତ୍ର ବସି ରହିଛନ୍ତି ।

- ଶିକ୍ଷକଙ୍କ ଡେପୁଟେଶନର ପ୍ରତିବାଦ
- ଅଭିଭାବକ,ଅଞ୍ଚଳବାସୀ,ଛାତ୍ରୀଛାତ୍ରଙ୍କ ଧାରଣା
- ବିଇଓଙ୍କ ପ୍ରତିଶ୍ରୁତି ପରେ ସ୍ଥିତି ସ୍ୱାଭାବିକ ହେଲା

**ନୂଆଗାଁ,୧୧।୯ (ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପାରାଡିପି ପଞ୍ଚାୟତ ବାଲଣ୍ଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଜଣେ ଶିକ୍ଷକଙ୍କ ଡେପୁଟେଶନ ଆଦେଶକୁ ବିରୋଧ କରାଯାଇଛି । ସମ୍ପୃକ୍ତ ସ୍କୁଲର ଛାତ୍ରୀଛାତ୍ର,ଅଭିଭାବକ ଓ ସ୍ଥାନୀୟ ଲୋକେ ବୁଧବାର ସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ବିଇଓଙ୍କ ପ୍ରତିଶ୍ରୁତି ପରେ ସ୍କୁଲ ଫାଟକରୁ ତାଲା ଖୋଲିଥିଲା। ଏହାପରେ ପାଠପଢା ସ୍ୱାଭାବିକ ହୋଇଥିବା ସୂଚନା ମିଳିଛି ।

ବାଲଣ୍ଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ୧୦ଶ୍ରେଣୀ ପର୍ଯ୍ୟନ୍ତ ୧୬୦ ଛାତ୍ରୀଛାତ୍ର ଅଛନ୍ତି । ସେମାନଙ୍କ ପାଇଁ ୧୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିୟୋଜିତ ହୋଇଛନ୍ତି । ହେଲେ ୨୦୧୬ ସେପ୍ଟେମ୍ବରରୁ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଛି। ତେଣୁ ଅଧିକାଂଶ ସମୟରେ ଶିକ୍ଷକମାନେ ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱ ତୁଲାଇବା ସହ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଉଛନ୍ତି । ସ୍କୁଲରେ ଶିକ୍ଷକଙ୍କ ଅଭାବ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ ହୋଇଥିଲା । ଏହାପରେ ଜଣେ ଶିକ୍ଷକଙ୍କୁ ଡେପୁଟେଶନରେ ଅଣାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସ୍କୁଲର ୧୦ ଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ ଶିକ୍ଷକଙ୍କୁ ଶୀବନ୍ତଦେଇପୁର ସ୍କୁଲକୁ ଡେପୁଟେଶନରେ ପଠାଇ ଦିଆଯାଇଥିଲା। ଫଳରେ ୯ ଜଣ ଶିକ୍ଷକ ଶିକ୍ଷାଦାନ କରୁଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷକ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହି ଅଫିସ କାର୍ଯ୍ୟ ସମ୍ଭାଳୁଥିଲେ । ଫଳରେ ୮ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷାଦାନ କରୁଥିଲେ । ହେଲେ ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷକଙ୍କୁ ନିକଟସ୍ଥ ମସ୍କାବାରୀ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଯିବା ପାଇଁ ନୂଆଗାଁ ବ୍ଲକ ଶିକ୍ଷା କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଖବର ଜଣାପଡିବା ପରେ ଅଭିଭାବକ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଛାତ୍ରୀଛାତ୍ରମାନେ ସ୍କୁଲର ମୁଖ୍ୟ ଫାଟକରେ ତାଲା ପକାଇ ବସି ରହିଥିଲେ। ଫଳରେ ଦେଢ ଘଣ୍ଟା ଧରି ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ସ୍କୁଲ ଭିତରକୁ ଯାଇ ପାରି ନ ଥିଲେ। ଏ ସଂକ୍ରାନ୍ତରେ ସ୍କୁଲ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ଶିକ୍ଷକ ସଞ୍ଜୟ କୁମାର ମଣ୍ଡଳ ବ୍ଲକ ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। ଆସନ୍ତା ମାସରେ ନୂତନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ଆଦେଶ ଅନୁସାରେ ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ସଂପୃକ୍ତ ଶିକ୍ଷକ ଡେପୁଟେଶନରେ ଯିବେ । ତାଙ୍କୁ ୩୦ ତାରିଖ ପରେ ସ୍କୁଲକୁ ଫେରାଇ ଆଣାଯିବ ବୋଲି ବିଇଓ ପ୍ରଶାନ୍ତ କୁମାର ସାହୁ କହିଥିଲେ। ଏହାପରେ ଛାତ୍ରୀଛାତ୍ରମାନେ ସ୍କୁଲ ଫାଟକରୁ ତାଲା ଖୋଲିଥିଲେ।

## ସରୀସୃପଙ୍କ ବାସସ୍ଥଳୀ ପାଲଟିଛି ଡାକ୍ତରଙ୍କ କ୍ୱାର୍ଟର୍ସ

**ଖଣ୍ଡପଡ଼ା,୧୧।୯**
**(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ମେଡିକାଲ ଅଫିସରଙ୍କ କ୍ୱାର୍ଟର୍ସଟି ଏବେ ସରୀସୃପଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଏହି କ୍ୱାର୍ଟର୍ସ ଅବହେଳିତ ଅବସ୍ଥାରେ ଦୀର୍ଘଦିନରୁ ରହିଛି । କ୍ୱାର୍ଟର୍ସ ଭିତରେ ଅନାବନା ଗଛ ଉଠିଛି । ସେହି ସ୍ଥାନ ସଫା କରାଯାଉ ନ ଥିବାରୁ ତାହା ସରୀସୃପଙ୍କ ଆଶ୍ରୟସ୍ଥଳୀ ପାଲଟିଛି । ଘରର କବାଟ ଝରକା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଘର କାନ୍ଥରେ ଫାଟ ସୃଷ୍ଟି ହୋଇଛି। ସେଥିପାଇଁ ମେଡିକାଲ ଅଫିସର ଅନ୍ୟତ୍ର ଭଡ଼ା ଘରେ ରହୁଥିବାରୁ ରାତିରେ ଆସୁଥିବା ଜରୁରୀକାଳୀନ ରୋଗୀଙ୍କ ଚିକିତ୍ସାର ଅସୁବିଧା ପରିଲକ୍ଷିତ ହେଉଛି। ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ।



ଅବହେଳିତ ଅବସ୍ଥାରେ ଡାକ୍ତରଙ୍କ କ୍ୱାର୍ଟର୍ସ।

## ଭାଗବତ ସପ୍ତାଙ୍ଗ ପାରାୟଣ ଆରମ୍ଭ

**ଦଶପଲ୍ଲା,୧୧।୯**
**(ପ୍ରକାଶ କୁମାର ପାଣି)**

ଦଶପଲ୍ଲା ସହରର ଦୁର୍ଗା ବଜାର କଲୋନୀ ପରିସରରେ ବୁଧବାରଠାରୁ ଭାଗବତ ସପ୍ତାଙ୍ଗ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏଥି ନିମନ୍ତେ ପୂର୍ବାହ୍ନରେ କୁଆଁରିଆ ନଦୀରୁ ବହୁ ମହିଳା ଓ ପୁରୁଷ କଳସରେ ଜଳ ଭରି ଶୋଭାଯାତ୍ରାରେ ପାରାୟଣ ସ୍ଥଳକୁ ଆସିଥିଲେ । ହୋମ ଯଜ୍ଞ ସହ ସଂକୀର୍ତ୍ତନ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ୭ଦିନ ଧରି ଚାଲିବ । ଦୁର୍ଗା ବଜାର କଲୋନୀ ଭକ୍ତ ବୃନ୍ଦ ଏହାକୁ ପରିଚାଳନା କରୁଛନ୍ତି ।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅରବିନ୍ଦ



@ ଜୀବନ



@ କାର୍ନିମେଶ



@ ଲକ୍ଷ୍ମୀପ୍ରିୟା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାସ୍ତା ଉପରେ ଜମୁଛି ପାଣି

**ଖଣ୍ଡପଡ଼ା,୧୧।୯(ଅଜୟ କୁମାର ମହାରଣା)**

**ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ସମସ୍ୟା**

ବାଘମାରୀ ଠାରୁ କଣ୍ଟିଲୋ ଦେଇ ଦଶପଲ୍ଲାକୁ ସଂଯୋଗ କରୁଥିବା ୪୮ନଂ.ରାଜ୍ୟ ରାଜପଥ ବାଣପୁର ରାସ୍ତା ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ଗ୍ରାମର ଉଦ୍‌ବୃତ ପାଣି ରାସ୍ତା ଉପରେ ପ୍ରବାହିତ ହୋଇ ସମସ୍ୟା ସୃଷ୍ଟି କରୁଛି । ଉକ୍ତ ରାଜପଥର ବାଣପୁର ଗ୍ରାମଠାରେ ସାମାନ୍ୟ ବର୍ଷାରେ ପାଣି ଜମି ରହୁଛି। ଗ୍ରାମ ତଥା ଘରର ଉଦ୍‌ବୃତ ପାଣି ଓ ଆବର୍ଜନା ଜଳ ନିଷ୍କାସନ ପାଇଁ ରାସ୍ତା ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା ନ ଥିବା ବେଳେ ଗୋଟିଏ ପାର୍ଶ୍ୱରେ ମହାନଦୀ ଦକ୍ଷିଣ ପାର୍ଶ୍ୱ ମାଳବନ୍ଧ ରହିଛି । ଫଳରେ ଗ୍ରାମରୁ ଆସୁଥିବା ଉଦ୍‌ବୃତ ଆବର୍ଜନା ଜଳ ରାସ୍ତା ଉପରେ ଚାଲିଛି । ରାସ୍ତା ପାର୍ଶ୍ୱରେ ଡ୍ରେନ ନିର୍ମାଣ କରାଗଲେ ବର୍ଷା ଜଳ ଓ ଆବର୍ଜନା ପାଣି ନିଷ୍କାସନରେ କୌଣସି ସମସ୍ୟା ହୁଅନ୍ତା ନାହିଁ ବୋଲି ଗ୍ରାମବାସୀ କହିଛନ୍ତି । ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ମୁଖ୍ୟ ରାସ୍ତାରେ ପ୍ରତିଦିନ ଶତାଧିକ ଭାରିଯାନ ଚଳାଚଳ କରୁଛି । ଦୂରଗାମୀ ଯାତ୍ରୀବାହୀ ବସ ଦିନ ଓ ରାତିରେ ସେହି ରାସ୍ତା ଦେଇ ଯାତାୟତ କରୁଛନ୍ତି । ତେଣୁ ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ ଓ ନୟାଗଡ଼ ଅଧୀକ୍ଷଣ ଯନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଧେ ଶ୍ୟାମ କାଲୋଙ୍କୁ ପଚାରିବାରେ ସେଥିପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି ।



ରାସ୍ତାରେ ପାଣି ଜମି ରହିଛି।

# ମୌଳିକ ସେବା ଅପହଞ୍ଚ

**ଖଣ୍ଡପଡ଼ା,୧୧।୯**
**(ଅଜୟ କୁମାର ମହାରଣା)**

**ସମସ୍ୟା ବହୁଳ କଣ୍ଟିଲୋ ପଞ୍ଚାୟତ**



ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ପଞ୍ଚାୟତ ୨୫ ୱାର୍ଡ଼କୁ ନେଇ ଗଠିତ। ଏହି ସର୍ବବୃହତ୍ ପଞ୍ଚାୟତରେ ଜନସଂଖ୍ୟା ୧୫ ହଜାରରୁ ଊର୍ଦ୍ଧ୍ୱ। ପ୍ରଭୁ ଶ୍ରୀନୀଳମାଧବଙ୍କ ପୀଠ ଏହି ପଞ୍ଚାୟତରେ ରହିଛି। ସେଥିପାଇଁ ବର୍ଷସାରା ଏଠାକୁ ଦେଶବିଦେଶର ପର୍ଯ୍ୟଟକ ଆସନ୍ତି। ତଥାପି ଏହି ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିନି। ଏହି ମନ୍ଦିରର ବିକାଶ ପାଇଁ ରାଜ୍ୟ ସରକାର ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ସେହି କାମ ଏବେ ଧିମେଇ ଚାଲିଛି।

ପର୍ଯ୍ୟଟକଙ୍କ ରାତ୍ରୀଯାପନ ପାଇଁ ସେଭଳି କୌଣସି ବ୍ୟବସ୍ଥା ନାହିଁ । ବିଶେଷ କରି ମହିଳା ପର୍ଯ୍ୟଟକମାନେ ସ୍ନାନ, ଶୌଚାଦି କାର୍ଯ୍ୟ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମହାନଦୀରେ ସ୍ନାନ କରିବା ପର୍ଯ୍ୟଟକଙ୍କ ପାଇଁ ବିପଦ ସୃଷ୍ଟି କରିଛି । ବାରମ୍ବାର ଦାବି ପରେ ବି କଣ୍ଟିଲୋରେ ସୁଲଭ ଶୌଚାଳୟ, ପଥପ୍ରାପ୍ତ ସୁବିଧା କେନ୍ଦ୍ର ନିର୍ମାଣ କରାଯାଉନାହିଁ । କଂସାବାସନ ଶିଳ୍ପ ପାଇଁ ଦେଶ ବିଦେଶରେ କଣ୍ଟିଲୋ ଗ୍ରାମର ଖ୍ୟାତି ରହିଛି। ୧ ହଜାରରୁ ଊର୍ଦ୍ଧ୍ୱ ପରିବାର କଂସାବାସନ ଶିଳ୍ପ ପରି କୌଳିକ ବୃତ୍ତିକୁ ଆପଣେଇ ପରିବାର ପ୍ରତିପୋଷଣ କରୁଛନ୍ତି । ମାତ୍ର ସେମାନଙ୍କୁ ସରକାରୀସ୍ତରରେ ପ୍ରୋତ୍ସାହନ ମିଳୁନାହିଁ। ସ୍ୱଚ୍ଛ ପାନୀୟ ଜଳ ପାଇଁ ଏହି ପଞ୍ଚାୟତବାସୀ ହନ୍ତସନ୍ତ ହେଉଛନ୍ତି ।

କଣ୍ଟିଲୋ ଏକ ରାଜସ୍ୱ ଗ୍ରାମ । ରାଜ୍ୟ ସରକାରଙ୍କ ବିଧି ବ୍ୟବସ୍ଥା ଅନୁଯାୟୀ ବର୍ଷକୁ ମାତ୍ର ୧୦ ହଜାର ଟଙ୍କାର ଅନୁଦାନ ମିଳୁଛି। ଏହି ରାଶି ୧୫ ହଜାର ଜନସଂଖ୍ୟା ବିଶିଷ୍ଟ ତଥା ୨୫ଟି ୱାର୍ଡ ପରିଚାଳନା ପାଇଁ ସମୁଦ୍ରକୁ ଶଙ୍ଖେ ସଦୃଶ୍ୟ ହୋଇଛି। ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୧୬୦ଟି ଗାଁ କଲ୍ୟାଣ ସମିତି ରହିଛି । ହେଲେ ବର୍ଷକୁ ୧ଲକ୍ଷ ୬୦ ହଜାର ଟଙ୍କା ପ୍ରଦାନ କରାଯାଉଥିବା ମୁଖ୍ୟ ଚିକିତ୍ସାଧିକାରୀ ଡ. ଅଭିସାର ପଣ୍ଡା କହିଛନ୍ତି। ଏଠାରେ ଏକାଧିକ ଗାଁ କଲ୍ୟାଣ ସମିତି ଗଠନର ଆବଶ୍ୟକତା ଥିବାରୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି । କଣ୍ଟିଲୋଠାରେ କାର୍ଯ୍ୟକରୁଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତରଙ୍କ ଅଭାବ ଯୋଗୁ ଜଣେ ଫାର୍ମାସିଷ୍ଟଙ୍କ ଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳିତ ହେଉଛି। ଏକ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ରାଜ୍ୟ ସରକାର ୨.୨୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ମାତ୍ର ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ନିମନ୍ତେ ଆବଶ୍ୟକ ସରକାରୀ ଜାଗା ଚିହ୍ନଟ ହୋଇପାରୁ ନାହିଁ । କଂସାପିତଳ କାରିଗରମାନଙ୍କ ବ୍ୟାଖ୍ୟାନ କେନ୍ଦ୍ରରେ ମିଶନ ଶକ୍ତି କାଫେ ଚାଲୁ କରିବା ପାଇଁ ବ୍ଲକ୍ ପ୍ରଶାସନ ପକ୍ଷରୁ ଚାଲିଥିବା ଉଦ୍ୟମକୁ କଣ୍ଟିଲୋ ଗ୍ରାମବାସୀ ବିରୋଧ କରିଛନ୍ତି । କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠ ପାର୍ଶ୍ୱ ପଲ୍‌ଟନ୍ ପଡ଼ିଆକୁ ମିନି ଷ୍ଟାଡ଼ିୟମ୍‌ର ମାନ୍ୟତା ପ୍ରଦାନ କରାଯାଇଛି। ମାତ୍ର ଅଳ୍ପ ଅନୁଦାନରେ ପଡ଼ିଆର ଉନ୍ନତୀକରଣ ହୋଇପାରୁନାହିଁ । ମିନି ଷ୍ଟାଡିୟମର ୩ଟି ପାର୍ଶ୍ୱ ପାଚେରି ନିର୍ମାଣ ହୋଇ ନ ଥିବାରୁ ସେହି ସ୍ଥାନ ଗୋରୁ ଓ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି।

କଣ୍ଟିଲୋରେ ଏକ ସ୍ଥାୟୀ ବସ୍‌ଷ୍ଟାଣ୍ଡ, ଟ୍ୟାକ୍ସିଷ୍ଟାଣ୍ଡ ଓ ଯାତ୍ରୀ ବିଶ୍ରାମାଗାର ସହ କଂସାପିତଳ କାରିଗରମାନଙ୍କ ପାଇଁ ଏକ କଞ୍ଚାମାଲ୍ ଡିପୋ ପ୍ରତିଷ୍ଠା ଲାଗି ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ପ୍ରତିବର୍ଷ ମାଘମାସରେ ଶ୍ରୀନୀଳମାଧବଙ୍କ ମାଘମେଳା ଯାତ୍ରା ଅନୁଷ୍ଠିତ ହୋଇଥାଏ । ହେଲେ ମାଘମେଳା ପଡ଼ିଆକୁ ଯାନବାହନ ପାର୍କିଂ ବ୍ୟବସ୍ଥା କରାଯାଇଥିବାରୁ ବିବାଦ ସୃଷ୍ଟି ହୋଇଛି । ସେହିପରି ଫାଣ୍ଡିକୁ ଥାନାର ମାନ୍ୟତା ପ୍ରଦାନ, ଗାନ୍ଧୀପାର୍କର ସାମଗ୍ରିକ ବିକାଶ ପାଇଁ ଦାବି ହେଉଛି। କଣ୍ଟିଲୋ ପୂର୍ତ୍ତ ବିଭାଗ ପରିଦର୍ଶନ ବଙ୍ଗଳା ପରିସରରେ ପର୍ଯ୍ୟଟକମାନଙ୍କ ପାଇଁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଥାଇ ଏକାଧିକ ଶୀତତାପ ନିୟନ୍ତ୍ରିତ କକ୍ଷର ବ୍ୟବସ୍ଥା କରାଗଲେ ପର୍ଯ୍ୟଟକମାନେ ଉପକୃତ ହୋଇପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅଘୋଷିତ ବିଦ୍ୟୁତ୍ କାଟ ରୋକିବାକୁ ବି ଗୁରୁତ୍ୱ ଦେବାକୁ ଦାବି ହୋଇଛି ।

